**୩ ମାଓବାଦୀଙ୍କ ଆତ୍ମସମର୍ପଣ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ଦାନ୍ତେୱାଡା ଜିଲା ଭେରମଗଡ଼, କଟେକଲ୍ୟାଣ, ଗଙ୍ଗାଲୁର ଏରିଆ କମିଟିର ସକ୍ରିୟ ୩ ମାଓବାଦୀ ଜିଲା ପୋଲିସ ନିକଟରେ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ଏହି ୩ ଜଣ ମାଓବାଦୀ ହେଲେ ସୟ ବାରସେ, ସୁକୁଡ଼ା ମାଡକାମି ଓ ରିନା କୋରସା। ଏମାନେ ବହୁ ବର୍ଷ ଧରି ମାଓବାଦୀ ସଂଗଠନରେ ରହି ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଛତିଶଗଡ଼ ସରକାରଙ୍କ ଦ୍ୱାରା ପ୍ରତି ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଛି। ବର୍ତ୍ତମାନ ମାଓବାଦୀ ସଂଗଠନରେ ତଳ କ୍ୟାଡରମାନଙ୍କୁ ବରିଷ୍ଠମାନେ ସବୁବେଳେ ନୀଚ ଦୃଷ୍ଟିରେ ଦେଖୁଥିବାରୁ ଏଥିରେ ଅତିଷ୍ଠ ହୋଇ ଏହି ୩ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି।



ମଙ୍ଗଳବାର ଭାଜପା ବିଧାୟକ ଦଳ ବୈଠକରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ନୂଆ ମୁଖ୍ୟମନ୍ତ୍ରୀ ଭାବେ ଚୟନ ହେବା ପରେ ସେ ସନ୍ଧ୍ୟାରେ ରାଜଭବନରେ ପହଞ୍ଚି ରାଜ୍ୟପାଳ ରଘୁବର ଦାସଙ୍କୁ ସରକାର ଗଠନ ନିମନ୍ତେ ଲିଖିତ ଦାବି ଜଣାଉଛନ୍ତି। ତାଙ୍କ ସହ ଉପସ୍ଥିତ ଅଛନ୍ତି ଭାଜପାର କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ନେତୃବୃନ୍ଦ।

# ଧୋକା ଦେଲା ମୌସୁମୀ

## ଗରମ, ଗୁଳୁଗୁଳିରେ ଛଟପଟ ଓଡ଼ିଶା

ଭୁବନେଶ୍ୱର,୧୧।୬(ଅନିଲ ଦାସ)

- ୧୮ ଯାଏ ନାହିଁ ନିସ୍ତାର
- ୯ ଜିଲାକୁ ହିଟ୍‌ୱେଭ ୱାର୍ନିଂ
- ୧୯ରୁ ହେବ ମୌସୁମୀ ବର୍ଷା

ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଛି ସାରା ରାଜ୍ୟ। ଉପକୂଳରୁ ଉପାନ୍ତ ସବୁଠି ତାତି କରୁଛି କଲବଲ। ମନୁଷ୍ୟଠାରୁ ଆରମ୍ଭକରି ଜୀବଜନ୍ତୁ ବର୍ଷାକୁ ଚାହିଁ ରହିଛନ୍ତି। ରାଜ୍ୟର ଦକ୍ଷିଣ ଭାଗକୁ ଜୁନ୍ ୮ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିଥିବା ପାଣିପାଗ ବିଭାଗ ଘୋଷଣା କରିଥିଲେ ମଧ୍ୟ ତାହା ନିଷ୍କ୍ରିୟ ହୋଇଯାଇଛି। ଭୟଙ୍କର ଗରମରୁ ମୁକ୍ତି ପାଇଁ ସମସ୍ତେ ଡହଳବିକଳ। ଅନ୍ୟପକ୍ଷରେ ମୌସୁମୀ ବର୍ଷା ପରିବର୍ତ୍ତେ ଦିନକୁ ଦିନ ତାତିର ପ୍ରକୋପ ବଢ଼ି ଚାଲିଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତତଲା ହାୱା ବହୁଥିବା ବେଳେ ଉପକୂଳରେ ଗୁଳୁଗୁଳି ନାକେଦମ କରିଛି। ଘରେ କିମ୍ବା ବାହାରେ ନିସ୍ତାର ନାହିଁ। ଗମ୍‌ଗମ୍ ଝାଳ ବୋହିବା ସାଙ୍ଗକୁ ଅଣନିଃଶ୍ୱାସୀ ଭଳି ଅନୁଭବ ହେଉଛି। ଏଭଳି ଉତ୍ତପ୍ତ ପରିବେଶ ଆହୁରି ୮ ଦିନ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ହିଟ୍‌ୱେଭ ଜାରି (ଗ୍ରୀଷ୍ମ ପ୍ରବାହ) ଏବଂ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ସହ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ବୁଧବାର ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ଏହିସବୁ ଜିଲାର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ଉପରକୁ ଚାଲିଯିବା ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର କଟକ, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, କେନ୍ଦୁଝର ଓ ଗଜପତି ଜିଲାରେ ଗରମ ସହ ଦିନରେ ଆର୍ଦ୍ରତା ପରିମାଣ ୭୦ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୧୬ ତାରିଖ ଯାଏ ରାଜ୍ୟରେ ଏହିଭଳି ଅବସ୍ଥା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ମଙ୍ଗଳବାର ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୩.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୪୩.୫, ବୌଦ୍ଧ ୪୩.୨, ଝାରସୁଗୁଡ଼ା ୪୨.୪, ଟିଟିଲାଗଡ଼ ୪୨.୫, ରାଉରକେଲାରେ ୪୨.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଜୁନ୍‌ରେ ଦିନର ତାପମାତ୍ରା ସାଧାରଣତଃ ୩୬ରୁ ୩୭ ଡିଗ୍ରୀ ସେଲସିୟସ ଭିତରେ ରହିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଦିନରେ ୪ରୁ ୫ ଡିଗ୍ରୀ ସେଲସିୟସ ଯାଏ ଅଧିକ ଉତ୍ତପ୍ତ ରହୁଛି। ଗତ କିଛିଦିନ ହେବ ଉତ୍ତର ପଶ୍ଚିମ ଦିଗରେ ରାଜ୍ୟକୁ ଗରମ ବାୟୁ ପ୍ରବାହ ହେଉଛି। ଏହି ବାୟୁ ପ୍ରବାହ ବଙ୍ଗୋପସାଗରରୁ ଜଳୀୟକଣା ମିଶା ଥଣ୍ଡା ବାୟୁ ପ୍ରବାହକୁ ପ୍ରଭାବିତ କରୁଛି। ଫଳରେ ଜୁନ୍‌ରେ ତାତି ଉପରମୁହାଁ ହୋଇ ରହିଛି। ଏହାଛଡ଼ା ମେ ୨୦ ତାରିଖରେ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ରେମାଲ ମୌସୁମୀ ଆଗମନକୁ ପ୍ରଭାବିତ କରିଛି। ବାତ୍ୟାର ପ୍ରଭାବ ମାସେ ପର୍ଯ୍ୟନ୍ତ ରହୁଥିବାରୁ ଆସନ୍ତା ୧୮ ତାରିଖ ପୂର୍ବରୁ ରାଜ୍ୟକୁ ମୌସୁମୀ ପ୍ରବେଶ କରିବା ସମ୍ଭାବନା ନାହିଁ। ଆସନ୍ତା ୧୯ କିମ୍ବା ୨୦ ତାରିଖ ବେଳକୁ ମୌସୁମୀ ପାଇଁ ପାଗ ଅନୁକୂଳ ହେବ ବୋଲି ପାଣିପାଗ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ଏଥିଯୋଗୁ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଆରମ୍ଭ ହେବ। ତେବେ ଜୁଲାଇ ପ୍ରଥମ ସପ୍ତାହରେ ଭଲ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

# ସୁବାଇରେ ଝାଡ଼ାବାନ୍ତି, ୩୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ସ୍ୱାସ୍ଥ୍ୟ ବିଭାଗର ଝାଡ଼ାବାନ୍ତି ଚିନ୍ତା**

ସେମିଳିଗୁଡ଼ା, ସୁନାବେଡ଼ା/ କୋରାପୁଟ, ୧୧।୬ (ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ/ ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ସୁବାଇ ପଞ୍ଚାୟତ ଗୌଡ଼ସାହିରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୩୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଶିଶୁ, ମହିଳା ବୃଦ୍ଧା ଓ ବୃଦ୍ଧ ରହିଛନ୍ତି। ଗାଁରେ ଝାଡ଼ାବାନ୍ତି ବ୍ୟାପୁଥିବା ଖବର ପାଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ୨ଟି ଡାକ୍ତରୀ ଟିମ୍ ପହଞ୍ଚି ଥିଲେ। ସେମାନେ ଘର ଘର ବୁଲି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆବଶ୍ୟକ ଔଷଧ ଏବଂ ଓଆର୍‌ଏସ୍ ଯୋଗାଇ ଦେଇଥିବା ଜଣାପଡ଼ିଛି। କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି ତାହା ସ୍ପଷ୍ଟ ହୋଇନାହିଁ। ଗାଁ ଲୋକଙ୍କ କହିବା ମୁତାବକ ସେମାନେ ବାହାରର କୌଣସି ଖାଦ୍ୟ ଖାଇନାହାନ୍ତି। ସାହିରେ ଥିବା କୂଅପାଣି ବ୍ୟବହାର କରନ୍ତି। ଉକ୍ତ କୂଅପାଣି ଦୂଷିତ ହୋଇଥିବା ଏବଂ ତାହାକୁ ବ୍ୟବହାର କରିବାରୁ ଝାଡ଼ାବାନ୍ତି ବ୍ୟାପୁଥିବା ଆଶଙ୍କା କରାଯାଇଛି। ପିଇବା ପାଣି ଏବଂ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ତାହା ପରୀକ୍ଷା ପରେ ଜଣାପଡ଼ିବ ବୋଲି ଡାକ୍ତରୀ ଟିମ୍ କହିଛି। ଏ ସମ୍ପର୍କରେ ସେଠାରେ ଉପସ୍ଥିତ ଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ସେମିଳିଗୁଡ଼ା ବିଡିଓ ଜସ୍ମିନ ପ୍ରଧାନଙ୍କୁ ପଚାରିବାରୁ ମହିଳାମାନେ ସାବିତ୍ରୀ ବ୍ରତରେ ଉପବାସ ରହିବା ସହ ବହୁ ପରିମାଣରେ ଆମ୍ବ ଖାଇବା ଯୋଗୁ ଏପରି ହୋଇଥିବା କହିଛନ୍ତି। ଏଥିସହ ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଡାକ୍ତରୀ ଟିମ୍ ଗାଁରେ ରହି ସେମାନଙ୍କୁ ସମସ୍ତ ଚିକିତ୍ସା ଯୋଗାଉଥିବା କୁହାଯାଉଛି।



ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆକ୍ରାନ୍ତଙ୍କ ସହ ଆଲୋଚନା କରୁଛନ୍ତି।

- ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ଡାକ୍ତରୀ ଟିମ୍
- କୂଅ ପାଣି ସହ ଖାଦ୍ୟ ନମୁନା ସଂଗ୍ରହ
- ଦୂଷିତପାଣି ବ୍ୟବହାର ଯୋଗୁ ଝାଡ଼ାବାନ୍ତି ହେଉଥିବା ଆଶଙ୍କା

## ପାଣି ଉତ୍ସ ଦୂଷିତ ନ ହେବା ପାଇଁ ପଦକ୍ଷେପ ନିଆଯିବ

ଭୁବନେଶ୍ୱର, ୧୧।୬(ଅସମାପିକା ସାହୁ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡାଲିଆକୁଜି ପଞ୍ଚାୟତର ଗଇଲକଣା ଗ୍ରାମରେ ଝାଡ଼ାବାନ୍ତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତ ଯୁବକ ହେଲେ ଗୋପାଳ କାଣ୍ଡାମାକା(୨୮)। ସେହି ଗ୍ରାମର କାଦୁଲୁ କାଣ୍ଡାମାକା(୪୦)ଙ୍କ ମୁନିଗୁଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଥିବାବେଳେ ଆଉ ତିନିଜଣ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ କୁମାରୀ ମାଣ୍ଡିକା (୪୦), ମିଳନ ମାଣ୍ଡିକା (୧୮) ଓ କବିତା ଶବର (୧୨)। ଗୋପାଳ କାଣ୍ଡାମାକାଙ୍କୁ ବିଳମ୍ବରେ ହସ୍ପିଟାଲ ନିଆଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ତେବେ ଝାଡ଼ାବାନ୍ତି ହେଉଥିଲେ ତୁରନ୍ତ ହସ୍ପିଟାଲ ଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଏ ନେଇ ଜନସ୍ୱାସ୍ଥ୍ୟ ନର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଅଭିଯୋଗ ଆସିଥିବା ଆଖପାଖ ଗାଁରୁ ପାଣି ନମୁନା ନିଆଯାଇଛି। ରିପୋର୍ଟ ଆସିନି। ସ୍ୱାସ୍ଥ୍ୟ ଟିମ୍ ଗାଁ ଗାଁ ବୁଲୁଛନ୍ତି। କେଉଁ ଉତ୍ସରୁ ପାଣି ଦୂଷିତ ହେଲା, ତାକୁ ଖୋଜା ଯାଉଛି। ସେହିପରି କୋରାପୁଟ ଜିଲା ସେମିଳିଗୁଡ଼ାରେ ସୋମବାର ୩୪ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ଅଛି। ୧୧ ନମୁନା ସଂଗ୍ରହ କରାଯାଇଛି। ପାଣି ଦୂଷିତ ହେବାର ସନ୍ଦେହ କରାଯାଉଛି। ଆଗକୁ ବର୍ଷା ଦିନ ଆସୁଛି। ପାଣିର ଉତ୍ସ ଯେମିତି ଦୂଷିତ ନ ହୁଏ, ସେଥିପାଇଁ ପଦକ୍ଷେପ ନିଆଯିବ ଓ ବ୍ଲିଚିଙ୍ଗ ବ୍ୟବହାର କରାଯିବ ବୋଲି ଜନସ୍ୱାସ୍ଥ୍ୟ ନର୍ଦ୍ଦେଶକ କହିଛନ୍ତି।

# ଶପଥଗ୍ରହଣ ଉତ୍ସବ ପାଇଁ ୬୭ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୧୧।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଜନତା ମଇଦାନରେ ବୁଧବାର ଓଡିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ଭିଭିଆଇପି ଓ ଭିଆଇପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶପଥ ସମାରୋହରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖାଯାଇ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ପକ୍ଷରୁ ମୋଟ୍ ୬୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବାବେଳ ସମ୍ପୂର୍ଣ୍ଣ ସଭାସ୍ଥଳକୁ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ସୁରକ୍ଷା ଦାୟିତ୍ୱକୁ ୩ଟି ଭାଗରେ ବିଭକ୍ତ କରାଯାଇ ବିଶେଷକରି ଜଣେ ଆଇଜି ଓ ଦୁଇ ଡିଆଇଜିଙ୍କୁ ଦାୟିତ୍ୱ ଦିଆଯାଇଛି। ଶପଥ ଗ୍ରହଣ ଉତ୍ସବ ସ୍ଥଳ ଜନତା ମଇଦାନରେ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଆଇଜି (ପର୍ସନାଲ) ପ୍ରବୀଣ କୁମାରଙ୍କୁ ଦାୟିତ୍ୱ ଦିଆଯାଇଛି। ବିମାନ ବନ୍ଦର ଦେଇ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ରାଜନେତା ଓ ବରିଷ୍ଠ ବ୍ୟକ୍ତିବିଶେଷମାନେ ଆସିବେ। ତେଣୁ ବିମାନବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନ ବନ୍ଦର ସୁରକ୍ଷାରେ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ରହିଛନ୍ତି। ସେହିପରି ଏୟାରପୋର୍ଟଠାରୁ ଜନତା ମଇଦାନ ରାସ୍ତା ଏବଂ ଜନସାଧାରଣଙ୍କ ଆଗମନ ଓ ପାର୍କିଂ ପରିଚାଳନା ପାଇଁ ଡିଆଇଜି ଉମାଶଙ୍କର ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ୧୩ ଜଣ ଡିସିପି ର୍ୟାଙ୍କର ଅଧିକାରୀ, ୧୮ ଜଣ ଅତିରିକ୍ତ ଡିସିପି, ୫୮ ଜଣ ଏସିପି, ୯୪ ଜଣ ଇନ୍ସପେକ୍ଟର, ୩୧୨ ଜଣ ଏସ୍‌ଆଇ/ଏଏସ୍‌ଆଇ ଦାୟିତ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ୩ଟି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ (ଏସ୍‌ଟିୟୁ) ମୁତୟନ କରାଯାଇଛି। ଏଥିସହ କୌଣସି ପ୍ରତିକୂଳ ପରିସ୍ଥିତି ପାଇଁ ଗୋଟିଏ ଓଡ୍ରାଫ୍ ଟିମ୍ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ବ୍ଲୁ ବୁକ୍ ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ରୁଟ ଲାଇନ୍ ଓ ଜନତା ମଇଦାନର ଡଗ୍ ସ୍କ୍ୱାଡ୍ ଦ୍ୱାରା ନିୟମିତ ଯାଞ୍ଚ ଜାରି ରହିଛି। ଭୁବନେଶ୍ୱରରେ ବିଭିନ୍ନ ହୋଟେଲରେ ମଧ୍ୟ ଯାଞ୍ଚ ସହ ନାଇଟ୍ ବ୍ଲକିଂ ଓ ଚେକିଂ ଜାରି ରହିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

**କାର୍‌କେଡ୍ ରିହର୍ସାଲ ସରିଲା**

ଅନ୍ୟପକ୍ଷରେ ପୂର୍ବାହ୍ନରେ ଜନତା ମଇଦାନରେ ସମସ୍ତ ଫୋର୍ସ ଓ ଅଧିକାରୀଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା। ସୁରକ୍ଷା ଦାୟିତ୍ୱ କିପରି ନିର୍ବାହ କରାଯିବ ସେନେଇ ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିଭଳି କମିଶନରେଟ ପୋଲିସ ପକ୍ଷରୁ ପ୍ରଧାନମନ୍ତ୍ରୀ ଗସ୍ତର ରୁଟ୍ ଲାଇନ୍ ଅର୍ଥାତ୍ ବିମାନବନ୍ଦରରୁ ରାଜଭବନ ଦେଇ ଜନତା ମଇଦାନ ପର୍ଯ୍ୟନ୍ତ ଏକ କାର୍‌କେଡ୍ ରିହର୍ସାଲ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହକୁ ମୃତ ଦିଲୀପଙ୍କ ପରିବାରକୁ ନିମନ୍ତ୍ରଣ

ଖଲ୍ଲିକୋଟ,୧୧।୬ (ପ୍ରଶାନ୍ତ କୁମାର ମିଶ୍ର)

ଭୁବନେଶ୍ୱରରେ ବୁଧବାର ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ଗଞ୍ଜାମ ଜିଲା ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଗ୍ରାମର ମୃତ ଭାଜପା କର୍ମୀ ଦିଲୀପ ପାହାନଙ୍କ ପରିବାରକୁ ସ୍ୱତନ୍ତ୍ର ନିମନ୍ତ୍ରଣ ହୋଇଛି। ରାଜନୈତିକ ହିଂସାରୁ ଦିଲୀପଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କୁ କିପରି କଠୋର ଦଣ୍ଡ ମିଳିବ ସେ ନେଇ ସରକାରଙ୍କୁ ଦାବି ଜଣାଇବେ ବୋଲି ଦିଲୀପଙ୍କ ବାପା ରାମଚନ୍ଦ୍ର ପାହାନ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ଅର୍ଥାତ୍ ମେ ୧୫ ତାରିଖରେ ପୋଷ୍ଟରମରାକୁ କେନ୍ଦ୍ର କରି ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ଭାଜପା କର୍ମୀ ଦିଲୀପଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ପୋଲିସ ୨୦ ଜଣଙ୍କୁ ବିଭିନ୍ନ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପତ୍ର ପ୍ରଦାନ କରାଗଲା

ଭୁବନେଶ୍ୱର, ୧୧।୬(ସୁନିତ୍ ମିଶ୍ର)

ଭାଜପା ରାଜ୍ୟରେ ପ୍ରଥମ ଥର ସରକାର ଗଠନ କରିବାକୁ ଯାଉଥିବା ବେଳେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀଙ୍କ ନାଁ ଉପରେ ବିଧାୟକ ଦଳ ବୈଠକରେ ମୋହର ବାଜିଛି। ଏହାସହ ନିମାପଡା ବିଧାୟିକା ପ୍ରଭାତି ପରିଡା ଏବଂ ପାଟଣଗଡ ବିଧାୟକ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଦଳ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ତେବେ ୨୦୨୪ ନିର୍ବାଚନରେ ୨୪ ବର୍ଷର ବିଜେଡି ସରକାରକୁ ଗାଦିରୁ ହଟାଇ ଭାଜପା ପ୍ରଥମ ଥର ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ କ୍ଷମତାକୁ ଆସି ସରକାର ଗଠନ କରିବାକୁ ଯାଉଛି। ତେବେ ଦଳ ମୋଟ୍ ୭୮ଟି ଆସନରେ ବାଜିମାତ୍ କରିଛି। ତେଣୁ ସମସ୍ତ ବିଧାୟକମାନଙ୍କ ସମର୍ଥନ ନେଇ ରାଜ୍ୟପାଳ ରଘୁବର ଦାସଙ୍କ ନିକଟରେ ସରକାର ଗଠନ ଲାଗି ମୋହନ ମାଝୀ ଦାବି ଜଣାଇଛନ୍ତି। ଏହାସହ ରାଜ୍ୟରେ ଭାଜପା ଟିକେଟରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିବା ୩ ଜଣ ବିଧାୟକଙ୍କ ସମର୍ଥନ ପତ୍ର ମଧ୍ୟ ରାଜ୍ୟପାଳଙ୍କୁ ଅଲଗା ଭାବେ ପ୍ରଦାନ କରାଯାଇଥିବା ଜଣାପଡିଛି। ଦଳକୁ ବର୍ତ୍ତମାନ ସୁଦ୍ଧା ୮୧ ବିଧାୟକଙ୍କ ସମର୍ଥନ ଥିବା ରାଜ୍ୟପାଳଙ୍କୁ ଅବଗତ କରାଯାଇଛି।

## ବିଶାଳ ଦେବଙ୍କୁ ଆଇଟି ବିଭାଗ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୧।୬(ଅନିଲଦାସ)

୧୯୯୬ ବ୍ୟାଚ୍ ଆଇଏଏସ ଅଫିସର ତଥା ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଶାଳ ଦେବ ଅର୍ଥ ବିଭାଗ ସହ ଶକ୍ତି ବିଭାଗ ଦାୟିତ୍ୱ ତୁଲାଉଛନ୍ତି। ଏଥିସହିତ ସେ ଆଇଟି ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଜୁନ ୪ ତାରିଖରେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ମନୋଜ କୁମାର ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ୨୦୨୨ରେ ମନୋଜ ଇଣ୍ଡିଆନ ରେଲୱେ ଟ୍ରାଫିକ ସର୍ଭିସ(ଆଇଆରଟିଏସ୍)ରୁ ଇସ୍ତଫା ଦେଇଥିଲେ। ଆଇଟି ବିଭାଗ ସଚିବ ଭାବେ ସେ ନବୀନ ପଟ୍ଟନାୟକଙ୍କ ସରକାରରେ ଚୁକ୍ତିଭିତ୍ତିକ କାର୍ଯ୍ୟ କରୁଥିଲେ।

## ୧୪ ବଗି ଛାଡ଼ି ୨ କି.ମି. ଗଡ଼ିଲା ଇଞ୍ଜିନ

ରୂପ୍‌ସା, ୧୧।୬(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବରେଳପଥ ଖଡ଼ଗପୁର ଡିଭିଜନର ବାଲେଶ୍ୱର ଜିଲା ଅଧୀନ ଅମର୍ଦ୍ଦାରୋଡ ଷ୍ଟେଶନ ନିକଟରେ ମଙ୍ଗଳବାର ଏକ ମାଲବାହୀ ଟ୍ରେନର ଭ୍ୟାକୁମ ପାଇପ୍ ଅଚଳ ହେବାରୁ ୧୪ଟି ବଗି ଛାଡି ଇଞ୍ଜିନ ୨ କି.ମି. ଗଡ଼ିଯାଇଥିଲା। ଇଞ୍ଜିନ ସହ ଅନ୍ୟ ୧୬ଟି ବଗି ଲାଗି ରହିଥିଲା। ବିଶେଷଜ୍ଞ ଟିମ୍ ତଦାରଖ କରିବା ସହ ପାଖାପାଖି ୧ଘଣ୍ଟାର ବିଳମ୍ବ ପରେ ତ୍ରୁଟି ସଜଡ଼ାଯାଇ ଯାତାୟାତ ସ୍ୱାଭାବିକ ହୋଇଥିଲା।

ମଙ୍ଗଳବାର ଅପରାହ୍ନରେ ସାନ୍ତରାଗାଛିରୁ ଭଦ୍ରକ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ ଅମର୍ଦ୍ଦାରୋଡ ରେଲଷ୍ଟେଶନ ଅତିକ୍ରମ ପରେ ଟ୍ରେନର ଭ୍ୟାକୁମ ପାଇପ୍ ଅଚଳ ହୋଇଯାଇଥିଲା। ଫଳରେ ଇଞ୍ଜିନଠାରୁ ବଗିଗୁଡିକ ଅଲଗା ହୋଇଯାଇଥିଲା। ଅମର୍ଦ୍ଦାରୋଡ ଗେଟ ଉପରେ ୧୪ଟି ବଗି ରହିଯାଇଥିଲା। ଖବରପାଇ ଷ୍ଟେଶନ ମ୍ୟାନେଜର ବିଭାଗୀୟ ଅଧିକାରୀଙ୍କୁ ସଙ୍ଗେ ସଙ୍ଗେ ଜଣାଇଥିଲେ। କିଛି ସମୟ ମଧ୍ୟରେ ରେଳ ବିଭାଗର ଏକ ବିଶେଷଜ୍ଞ ଟିମ୍ ପହଞ୍ଚି ଘଟଣାର ତଦାରଖ କରିଥିଲେ। ସଙ୍ଗେ ସଙ୍ଗେ ତ୍ରୁଟି ସଜଡ଼ାଯାଇ ଟ୍ରେନର ବଗିଗୁଡ଼ିକ ସହ ଇଞ୍ଜିନର ସଂଯୋଗ କରାଯାଇ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ପ୍ରବଳ ଗରମ ଯୋଗୁ ଅମର୍ଦ୍ଦାରୋଡ ରେଳ ଫାଟକ ପାରି ହେବାକୁ ଶହ ଶହ ଲୋକ ଛଟପଟ ହେଉଥିବା ବେଳେ ପାଖାପାଖି ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ମାଲବାହୀ ଟ୍ରେନରେ ଅଲଗା ହୋଇଯାଇଥିବା ବଗି।

## ମାଓବାଦୀଙ୍କ ସ୍ପାଇକ୍ ହୋଲ୍ ଠାବ

ମାଲକାନଗିରି, ୧୧।୬ (ନୃସିଂହ ଚରଣ ମହାନ୍ତି)

ତେଲଙ୍ଗାନା ପୋଲିସ ସୀମାନ୍ତ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ହୋଇଥିବା ଏକ ସ୍ପାଇକ୍ ହୋଲ୍ ଠାବ କରିଛି। ସୁରକ୍ଷା କର୍ମୀ ମଙ୍ଗଳବାର ଛତିଶଗଡ଼ ଏବଂ ତେଲଙ୍ଗାନା ପୋଲିସ ମିଳିତ ଭାବେ ସୀମାନ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ସ୍ପାଇକ୍ ହୋଲ୍ ଠାବ କରିଥିଲେ।




ଓଡ଼ିଶାରେ ବୁଧବାର ଭାଜପା ସରକାରର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

**ରୁଷିଆ ସେନାରେ ନିୟୋଜିତ ୨ ଭାରତୀୟ ୟୁକ୍ରେନ ଯୁଦ୍ଧରେ ନିହତ ହୋଇଛନ୍ତି**

ରୁଷିଆ ସେନା ଦ୍ୱାରା ନିଯୁକ୍ତ ୨ ଜଣ ଭାରତୀୟ ୟୁକ୍ରେନ୍ ଯୁଦ୍ଧରେ ନିହତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଭାରତୀୟଙ୍କୁ ସେନାରେ ନିଯୁକ୍ତି ବନ୍ଦ କରିବା ପାଇଁ ଭାରତ ସରକାର ରୁଷିଆକୁ କହିଛନ୍ତି। ଏଥିସହିତ ରୁଷିଆ ସେନାରେ ଥିବା ସମସ୍ତ ଭାରତୀୟଙ୍କୁ ତୁରନ୍ତ ଫେରିଆସିବାକୁ ଅନୁମତି ଦେବା ନିମନ୍ତେ ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଥିବା ରୁଷିଆ ରାଷ୍ଟ୍ରଦୂତଙ୍କୁ ଜଣାଇଛି। ମସ୍କୋରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏନେଇ ସେଠାକାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଟିଡିପି ନେତାଙ୍କୁ ହତ୍ୟା

**କୁର୍ନୁଲ,୧୧।୬**

ଆନ୍ଧ୍ରପ୍ରଦେଶ କୁର୍ନୁଲ ଜିଲାରେ ଟିଡିପି ନେତା ଗୌରୀନାଥ ଚୌଧରୀଙ୍କୁ ହତ୍ୟା କରାଯାଇଛି। ବୋମିରେଡ୍ଡିପାଲେ ଗ୍ରାମରେ ୱାଇଏସ୍ଆର୍ସିପି କର୍ମୀ ପମୟା, ରାମକ୍ରିଷ୍ଣା ଓ ଅନ୍ୟମାନେ ଛୁରି ଓ ଟାଙ୍ଗିଆରେ ଟିଡିପିର ସ୍ଥାନୀୟ ନେତା ଗୌରୀନାଥଙ୍କୁ ଆକ୍ରମଣ କରିଥିଲେ। ହତ୍ୟାକାଣ୍ଡକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବାବେଳେ ଆଇନଶୃଙ୍ଖଳା ରକ୍ଷା ଲାଗି ପୋଲିସ ଫୋର୍ସ ମୁତୟନ ହୋଇଛି। ଟିଡିପି ନେତା ନର ଲୋକେଶ ଆକ୍ରମଣକୁ ନିନ୍ଦା କରିବା ସହ ଏହା ପଛରେ ଜଗନମୋହନ ରେଡ୍ଡୀଙ୍କ ହାତ ଥିବା ଅଭିଯୋଗ କରିଛନ୍ତି।

# ଉପେନ୍ଦ୍ର ଦ୍ୱିବେଦୀ ନୂଆ ସେନାମୁଖ୍ୟ



**ନୂଆଦିଲ୍ଲୀ,୧୧।୬**

ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଭାରତୀୟ ସେନାର ନୂଆ ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ଜେନେରାଲ ମନୋଜ ପାଣ୍ଡେ ଆସନ୍ତା ୩୦ରେ ଅବସର ନେବା ପରେ ତାଙ୍କ ସ୍ଥାନରେ ଜେନେରାଲ ଦ୍ୱିବେଦୀ ଅବସ୍ଥାପିତ ହେବେ। ପରମ ବିଶିଷ୍ଟ ସେବା ମେଡାଲ ଏବଂ ଅତିବିଶିଷ୍ଟ ସେବା ମେଡାଲ ପ୍ରାପ୍ତ ଦ୍ୱିବେଦୀ ବର୍ତ୍ତମାନ ଭାରତୀୟ ସେନାର ଉପାଧ୍ୟକ୍ଷ ଅଛନ୍ତି। ତାଙ୍କ ନିଯୁକ୍ତି ସମ୍ପର୍କରେ ମଙ୍ଗଳବାର ରାତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଜେନେରାଲ ମନୋଜ ପାଣ୍ଡେଙ୍କ କାର୍ଯ୍ୟକାଳ ମେ’ ୩୧ରେ ଶେଷ ହୋଇଥିଲା। କିନ୍ତୁ ସରକାର ତାଙ୍କ କାର୍ଯ୍ୟକାଳ ମାସେ ବଢ଼ାଇଦେଇଥିଲେ। ଜେନେରାଲ ପାଣ୍ଡେ ଜୁନ୍ ୩୦ରେ ଅବସର ନେବେ।

# ବୋଟ୍ ବୁଡ଼ି ୪୯ ଶରଣାର୍ଥୀ ମୃତ, ୧୪୦ ନିଖୋଜ

**କାଇରୋ,୧୧।୬**

ଶରଣାର୍ଥୀମାନଙ୍କୁ ନେଇ ଯାଉଥିବା ଏକ ବୋଟ୍ ୟେମେନ ଉପକୂଳରେ ବୁଡ଼ିଯିବାରୁ ୪୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪୦ ଜଣ ନିଖୋଜ ହୋଇଯାଇଛନ୍ତି। ଜାତିସଂଘର ଅନ୍ତର୍ଜାତୀୟ ଦେଶାନ୍ତର ଗମନ ସଂଗଠନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୋମାଲିଆର ଉତ୍ତର ଉପକୂଳରୁ ୨୬୦ରୁ ଊର୍ଦ୍ଧ୍ୱ ସୋମାଲି ଓ ଇଥିଓପିଆ ନାଗରିକ ଆଡେନ୍ ଉପସାଗର ଦେଇ ବୋଟ୍‌ରେ ଯାଉଥିବାବେଳେ ସୋମବାର ଏହା ୟେମେନ୍ ଉପକୂଳରେ ବୁଡ଼ିଯାଇଥିଲା। ତଲାସି ଅଭିଯାନ ଜାରି ରହିଥିବାବେଳେ ୭୧ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରୁ ୩୧ ଜଣ ମହିଳା ଓ ଛୋଟ ପିଲା। ପୂର୍ବ ଏବଂ ଉତ୍ତରପୂର୍ବ ଆଫ୍ରିକାରୁ ବହୁ ସଂଖ୍ୟାରେ ଲୋକ ଉପସାଗରୀୟ ଦେଶରେ କାମଧନ୍ଦା ପାଇଁ ଏହି ରୁଟ୍ ଦେଇ ଆସିଥାନ୍ତି। ବୋଟ୍‌ରେ ଅତ୍ୟଧିକ ଭିଡ଼ ଏବଂ ଅନେକ ସମୟରେ ଜଳଦସ୍ୟୁଙ୍କ ହାବୁଡ଼ରେ ପଡ଼ି ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି।






**ଦାୟିତ୍ୱ ନେଲେ କେନ୍ଦ୍ରମନ୍ତ୍ରୀ:** ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ଦକ୍ଷତା ବିକାଶ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଜୟନ୍ତ ଚୌଧୁରୀ ମଙ୍ଗଳବାର ସେମାନଙ୍କ ମନ୍ତ୍ରଣାଳୟରେ ଦାୟିତ୍ୱ ଗ୍ରହଣ କରୁଛନ୍ତି।

# ଧାର୍ମିକ ସ୍ଥଳ ଅପବିତ୍ରକରଣରୁ ହିଂସା

## ସରକାରୀ ବିଲ୍ଡିଂ ଜାଳିଦେଲେ: ୧୪୪ ଧାରା ଜାରି

**ରାୟପୁର,୧୧।୬**

ଛତିଶଗଡ଼ର ବାଲୋଦା ବଜାର ଜିଲା ଅନ୍ତର୍ଗତ ଗିରୋଧପୁରୀ ନିକଟରେ ଥିବା ଉପାସନା ସ୍ଥଳ ଜୈତଖମ୍ବର ଅପବିତ୍ରୀକରଣକୁ ବିରୋଧକରି ସତ୍‌ନାମୀ ଜାତିର ଶ୍ରଦ୍ଧାଳୁମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଏହା ହିଂସାର ରୂପ ନେଇଛି। ଉତ୍ୟକ୍ତ ଲୋକମାନେ ସରକାରୀ ବିଲ୍ଡିଂରେ ନିଆଁ ଲଗାଇଦେଇଥିବାବେଳେ ଉତ୍ତେଜନାକୁ ପ୍ରଶମିତ ପାଇଁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଛି। ଅପବିତ୍ରୀକରଣ ପାଇଁ ଦାୟୀ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ହଜାର ହଜାର ସତ୍‌ନାମୀ ବିକ୍ଷୋଭକାରୀ ସୋମବାର ସନ୍ଧ୍ୟାରେ ଆନ୍ଦୋଳନ ଚଳାଇଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ପଞ୍ଚାୟତ କାର୍ଯ୍ୟାଳୟକୁ ଟେକାମାଡ଼ କରିଥିଲେ। ପରେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟର କିଛି ଅଂଶରେ ନିଆଁ ଲଗାଇଦେଇଥିଲେ। ଏଥିସହିତ ପାଖରେ



ଥିବା ଅନ୍ୟ ବିଲ୍ଡିଂ ଓ ଶତାଧିକ ଗାଡ଼ିରେ ମଧ୍ୟ ଉତ୍ୟକ୍ତ ଲୋକେ ଜାଳିଦେଇଥିଲେ। ସ୍ଥିତିକୁ ଆୟତ୍ତ କରିବାକୁ ଯାଇ ଜିଲା ପ୍ରଶାସନ ୧୪୪ ଧାରା ଜାରି କରିଛି। ଫଳରେ ସହରରେ ୫ରୁ ଅଧିକ ଲୋକ ଏକାଠି ହେବା ଉପରେ କଟକଣା ଲାଗୁ ହୋଇଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଉଚ୍ଚସ୍ତରୀୟ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶାନ୍ତି ଓ ସଦ୍ଭାବନା ପ୍ରତି ବ୍ୟାଘାତ ପହଞ୍ଚାଉଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀରେ ପାଣି ପରେ ବିଦ୍ୟୁତ୍ ସଙ୍କଟ

**ନୂଆଦିଲ୍ଲୀ, ୧୧।୬**

ଦିଲ୍ଲୀରେ ଗତ କିଛି ସପ୍ତାହ ଧରି ଜଳ ସଙ୍କଟ ଲାଗି ରହିଥିବାବେଳେ ଏବେ ଏଠାରେ ବିଜୁଳି ସଙ୍କଟ ଦେଖାଯାଇଛି। ଉତ୍ତରପ୍ରଦେଶର ମଣ୍ଡୋଲା ସ୍ଥିତ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍(ପିଜିସିଆଇଏଲ୍)ର ଷ୍ଟେଶନ୍‌ରେ ମଙ୍ଗଳବାର ନିଆଁ ଲାଗିଯିବାରୁ ଦିଲ୍ଲୀ ଟ୍ରାନ୍ସକୋ ଲିମିଟେଡ୍(ଡିଟିଏଲ୍)ର ୱାଜିରାବାଦ, କଶ୍ମୀରୀ ଗେଟ୍, ଗୀତା କଲୋନି, ହର୍ଷ ବିହାର, ରାଜଘାଟସ, ନରେଲା ଆଦି ପାୱାର ସବଷ୍ଟେଶନ୍ ପ୍ରଭାବିତ ହୋଇଛି। ଫଳରେ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଦିଲ୍ଲୀର ଅନେକ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ କରାଯାଇଛି। ବିଜୁଳି କାଟ୍ ଯୋଗୁ ଦିଲ୍ଲୀର ଅନେକ ଜଳ ବିଶୋଧନାଗାର ଚାଲିପାରି ନ ଥିବାରୁ ଏହାଦ୍ୱାରା ଏଠାରେ ଜଳ ସଙ୍କଟ ବ୍ୟାପକ ରୂପ ନେବାର ସମ୍ଭାବନା ଦେଖାଦେଇଛି। ମଣ୍ଡୋଲାର ଯେଉଁ ପାୱାର ଗ୍ରୀଡ୍‌ରେ ନିଆଁ ଲାଗିଛି, ତାହା ଦିଲ୍ଲୀକୁ ୧୫୦୦ ମେଗାୱାଟର ବିଜୁଳି ଯୋଗାଉଥିବା ଦିଲ୍ଲୀ ଶକ୍ତିମନ୍ତ୍ରୀ ଆତିଶୀ କହିଛନ୍ତି। ଏହି ପାୱାର ଗ୍ରୀଡ୍ କେନ୍ଦ୍ର ସରକାରଙ୍କର ହୋଇଥିବାରୁ ଏନେଇ ସେ କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ଭେଟିବାକୁ ସମୟ ମାଗିଛନ୍ତି। ଜାତୀୟ ସ୍ତରର ଶକ୍ତି ଭିତ୍ତିଭୂମି କିପରି ବିଫଳ ହେଉଛି କହି ସେ ଚିନ୍ତା ପ୍ରକଟ କରିଛନ୍ତି।

# ପ୍ରକୃତ ‘ସେବକ’ ଅହଂକାରୀ ନୁହନ୍ତି: ଭାଗବତ

**ନାଗପୁର,୧୧।୬**

ପ୍ରକୃତ ‘ସେବକ’ ଅହଂକାର ନ କରି ମର୍ଯ୍ୟାଦାର ସହ ଲୋକଙ୍କ ସେବା କରନ୍ତି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ନାଗପୁରରେ ଭାଗବତ ଆହୁରି କହିଛନ୍ତି, ଉଭୟ ଶାସକ ଓ ବିରୋଧୀଙ୍କ ତିକ୍ତତାପୂର୍ଣ୍ଣ ନିର୍ବାଚନୀ ପ୍ରଚାର ମର୍ଯ୍ୟାଦା ରକ୍ଷା କରାଯାଇ ନ ଥିବା ଦର୍ଶାଉଛି। ଏପରି କି ସଂଘକୁ ମଧ୍ୟ ପ୍ରଚାର ଭିତରକୁ ଟଣାଯାଇଥିଲା। ଲୋକେ ପରସ୍ପରକୁ କାଦୁଅ ଫିଙ୍ଗି, ଟେକ୍ନୋଲୋଜିର ଦୁରୁପଯୋଗ କରିବା ସହ ମିଥ୍ୟା ପ୍ରଚାର କରିବାକୁ ପଛାଇ ନାହାନ୍ତି। ନିର୍ବାଚନ ବେଳେ ଏହା ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଭାଗବତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଜାତିଆଣ ହିଂସା ପ୍ରଭାବିତ ମଣିପୁରକୁ ଯେପରି ପ୍ରାଧାନ୍ୟ ଦିଆଯିବା କଥା, ସେପରି କରାଯାଇ ନାହିଁ ବୋଲି ସେ କହିଛନ୍ତି।



ଲୋକ ସଭା ନିର୍ବାଚନ ପରେ ଏହା ହେଉଛି ଭାଗବତଙ୍କ ପ୍ରଥମ ବକ୍ତବ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତର ତୃତୀୟ ଥର ପାଇଁ ସରକାର ଗଢ଼ିଥିବାବେଳେ ଏଥର ପୂର୍ବଭଳି ଜନସମର୍ଥନ ମିଳିନାହିଁ। ମୋଦି ‘୪୦୦ ପାର୍’ ନାରା ଦେଇ ନିର୍ବାଚନ ଲଢ଼ିଥିଲେ ହେଁ ଭାଜପାକୁ ୫୪୩ରୁ ୨୪୦ ଆସନ ମିଳିଛି, ଯାହାକି ତୁଳନାତ୍ମକ ସଂଖ୍ୟା ୨୭୨ଠାରୁ ୩୨ କମ୍। ତେଣୁ ଭାଗବତଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଉଛି।

# ହତ୍ୟା ଅଭିଯୋଗରେ କନ୍ନଡ଼ ଅଭିନେତା ଦର୍ଶନ ଗିରଫ

**ବେଙ୍ଗାଲୁରୁ, ୧୧।୬**

ଲୋକପ୍ରିୟ କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପା(୪୭) ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡ଼ାଙ୍କୁ ଏକ ହତ୍ୟା ମାମଲାରେ ବେଙ୍ଗାଲୁରୁ ପୋଲିସ ମହୀଶୂରରୁ ଗିରଫ କରିଛି। ଦର୍ଶନ ଓ ତାଙ୍କ ବାନ୍ଧବୀଙ୍କ ସହ ପୋଲିସ ଏହି ମାମଲାରେ ୧୩ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବାବେଳେ ଦର୍ଶନଙ୍କ ସହ ସମସ୍ତ ଅଭିଯୁକ୍ତଙ୍କୁ ବେଙ୍ଗାଲୁରୁ ସ୍ୱତନ୍ତ୍ର କୋର୍ଟ ୬ ଦିନିଆ ପୋଲିସ ହାଜତକୁ ପଠାଇଛନ୍ତି। ବେଙ୍ଗାଲୁରୁ ଠାରୁ ୨୦୦ କିଲୋମିଟର ଦୂରରେ ଅବସ୍ଥିତ ଚିତ୍ରଦୁର୍ଗସ୍ଥିତ ଆପୋଲୋ ଫାର୍ମାସୀ ଶାଖାରେ କାର୍ଯ୍ୟରତ ରେଣୁକା ସ୍ୱାମୀ(୩୩) ନାମକ ଜଣେ ବ୍ୟକ୍ତିଙ୍କ ମୃତଦେହ ଗତ ୯ରେ ବେଙ୍ଗାଲୁରୁର ସୁମନାହାଲୀ ବ୍ରିଜ୍ ନିକଟରୁ ମିଳିଥିଲା। ରେଣୁକା ଦର୍ଶନଙ୍କ ବାନ୍ଧବୀ ପବିତ୍ରାଙ୍କୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଆପତ୍ତିଜନକ ମେସେଜ୍ ପଠାଉଥିବା ପୋଲିସ ସୂଚନା ଦେଇଛି। ପବିତ୍ରାଙ୍କୁ ଅଶ୍ଳୀଳ ମେସେଜ ପଠାଉଥିବାରୁ ରେଣୁକାଙ୍କର ହତ୍ୟା କରାଯାଇଥିବା



ବାନ୍ଧବୀ ପବିତ୍ରା ଗୌଡ଼ାଙ୍କ ସହ ଅଭିନେତା ଦର୍ଶନ ଥୋଗୁଦୀପା

ପୋଲିସ ଅନୁମାନ କରୁଛି। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା କେତେଜଣ ସନ୍ଦିଗ୍ଧ ଜେରା ସମୟରେ ସେମାନେ ଦର୍ଶନଙ୍କ ନାଁ ନେଇଥିଲେ। ଏହା ପରେ ଦର୍ଶନଙ୍କୁ ଗିରଫ କରାଯାଇଥିବା କର୍ନାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱରା ସୂଚନା ଦେଇଛନ୍ତି। ତେବେ ସାଣ୍ଡାଲ୍‌ଉଡ୍ ଅଭିନେତା ଦର୍ଶନ ପୂର୍ବରୁ ଅନେକ ଥର ବିବାଦରେ ରହି ଆସିଛନ୍ତି। ଏକ ଘରୋଇ ଅତ୍ୟାଚାର ମାମଲାରେ ସେ କିଛିଦିନ ଧରି ଜେଲରେ ରହିଥିଲେ।

# ପ୍ରିୟଙ୍କା ବାରାଣସୀରୁ ଲଢ଼ିଥିଲେ ମୋଦି ହାରିଥାନ୍ତେ: ରାହୁଲ

**ରାଏବରେଲି,୧୧।୬**

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ବାରାଣସୀରୁ ନିର୍ବାଚନ ଲଢ଼ିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨ରୁ ୩ ଲକ୍ଷ ଭୋଟ ବ୍ୟବଧାନରେ ହରାଇଥାନ୍ତେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ରାଏବରେଲିରେ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଏବରେଲିର ନବନିର୍ବାଚିତ ଏମ୍‌ପି ରାହୁଲ ସେଠାକୁ ଗସ୍ତ କରି ସ୍ଥାନୀୟ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଏବରେଲି ଓ ଅମେଠି ସମେତ ଦେଶର ବିଭିନ୍ନ ଭାଗରେ ଇଣ୍ଡିଆ ମେଣ୍ଟ ଦଳଗୁଡ଼ିକ ମିଳିତ ଭାବେ ନିର୍ବାଚନ ଲଢ଼ିଛନ୍ତି। ଏଥିଯୋଗୁ ପାର୍ଲାମେଣ୍ଟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଶକ୍ତି



ହ୍ରାସ ପାଇଛି। ଦଳର ଅନ୍ୟ ସାଂସଦମାନେ ମିଳିଥିବା ସଫଳତାକୁ ନେଇ ଅହଂକାରୀ ନ ହୋଇ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବା ଉଚିତ। ରାମମନ୍ଦିର ପ୍ରାଣପ୍ରତିଷ୍ଠା ବେଳେ ମୋଦି ଲୋକଙ୍କୁ ଅଣଦେଖା କରି ଶିଳ୍ପପତିମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ। ଏଥିଯୋଗୁ ଲୋକେ ଅଯୋଧ୍ୟାରେ ଭାଜପାକୁ ହରାଇ ତାଙ୍କୁ ଉଚିତ ଶିକ୍ଷା ଦେଇଛନ୍ତି।

# ଯୁଦ୍ଧାବସାନ ପ୍ରସ୍ତାବ: ହଁ କଲା ହମାସ୍

**ଜାତିସଂଘ/ତେଲ୍ ଆଭିଭ୍,୧୧।୬**

ଗାଜାରେ ୮ ମାସ ଧରି ଇସ୍ରାଏଲ ଓ ହମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ମଙ୍ଗଳବାର ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଛି। ଆମେରିକା ଆଣିଥିବା ଏହି ଯୁଦ୍ଧବିରତି ପ୍ରସ୍ତାବକୁ ଉଭୟ ଇସ୍ରାଏଲ୍ ଓ ହମାସ୍ ସ୍ୱୀକାର କରିଥିବାରୁ ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରିବା ଆଶା କରାଯାଉଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୁଦ୍ଧବିରତି ପାଇଁ ୩ ସୂତ୍ରୀ ଯୋଜନା କରିଥିଲେ। ପ୍ରସ୍ତାବ ଅନୁସାରେ ଇସ୍ରାଏଲ୍ ଗାଜାରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିବ। ହମାସ୍ ପଣବନ୍ଦୀଙ୍କୁ ମୁକ୍ତ କରିବ। ଇସ୍ରାଏଲ୍ ମଧ୍ୟ ଜେଲରେ ରଖିଥିବା ପାଲେଷ୍ଟିନୀୟଙ୍କୁ ଛାଡ଼ିଦେବ। ଅବିଳମ୍ବେ




ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ମଙ୍ଗଳବାର ଇସ୍ରାଏଲୀ ପଣବନ୍ଦୀଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

ଓ ନିଃସର୍ତ୍ତରେ ଉଭୟ ପକ୍ଷ ଯୁଦ୍ଧ ବନ୍ଦ କରିବା ପାଇଁ ଜାତିସଂଘରେ ଆଗତ ଉକ୍ତ ପ୍ରସ୍ତାବକୁ ୟୁଏନ୍‌ଏସ୍‌ସିର ୧୫ ସଦସ୍ୟ ମଧ୍ୟରୁ ୧୪ ସଦସ୍ୟ ଅନୁମୋଦନ କରିଛନ୍ତି। ମତଦାନରୁ କେବଳ ରୁଷିଆ ବିରତ ରହିଥିଲା। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ବାଇଡେନ୍‌ଙ୍କ ଯୁଦ୍ଧ ପରବର୍ତ୍ତୀ ପ୍ଲାନ୍ ମାନିବାକୁ ବୁଝାଇଛନ୍ତି। ହମାସ୍ ନେତା ସାମି ଅବୁ ଜୁହରି କହିଛନ୍ତି, ଜାତିସଂଘ ସଂକଳ୍ପନାମାକୁ ଆମେ ସ୍ୱାଗତ କରୁଛୁ। କରିବା ସହ ମଧ୍ୟସ୍ଥମାନଙ୍କ ସହିତ ଏହାକୁ କାର୍ଯ୍ୟକାରୀ କରିବାକୁ ଆମେ ପ୍ରସ୍ତୁତ। କିନ୍ତୁ ଇସ୍ରାଏଲକୁ ମନାଇବା ହେଉଛି ୱାଶିଂଟନ୍‌ର ଦାୟିତ୍ୱ। ତେଲ୍ ଆଭିଭ୍‌ରେ ବ୍ଲିଙ୍କେନ୍ କହିଛନ୍ତି, ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ପ୍ରସ୍ତାବରେ ରାଜି ହେବା ଏକ ‘ଆଶାବାଦୀ ସଙ୍କେତ’।

ଗତ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ କରିଥିବା ଆକ୍ରମଣରେ ୧,୨୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ହମାସ୍ ୨୫୦ରୁ ଅଧିକ ଇସ୍ରାଏଲୀଙ୍କୁ ପଣବନ୍ଦୀ କରିଥିଲା। ଇସ୍ରାଏଲ୍‌ର ଗାଜା ଆକ୍ରମଣରେ ୩୭,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି।

**ରାଜ୍ୟ ଖବର**

# ଅଜଣା ରୋଗରେ ୩ ଶିଶୁ ମୃତ, ୪ ଗୁରୁତର

**ରାୟଗଡ଼ା,୧୧।୬**
**(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଅଜଣା ରୋଗ ଆତଙ୍କ ଦେଖାଦେଇଛି । ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର ଗ୍ରାମରେ ସପ୍ତାହକ ଭିତରେ ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ୪ ଜଣ ଗୁରୁତରଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ଶିଶୁମାନେ ହେଲେ ଦାଶୀ ମାଝି (୧୨), ନରେନ୍ଦ୍ର ମାଝି(୬) ଓ ପୂର୍ଣ୍ଣ ମାଝି (୯)। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବରଦାକାନ୍ତ ମିଶ୍ର ମେଡିକାଲକୁ ଆସି ଆକ୍ରାନ୍ତ ଶିଶୁଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗଳାରେ କିଛି ସଂକ୍ରମଣ ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ କହିଛନ୍ତି। ତେବେ ଆକ୍ରାନ୍ତଙ୍କ ନମୁନା ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ରୋଗ ସମ୍ପର୍କରେ ଜଣାପଡ଼ିବ ବୋଲି ମାଇକ୍ରୋ ବାୟୋଲୋଜିଷ୍ଟ ଡା. ସୂର୍ଯ୍ୟକାନ୍ତ ସାମଲ କହିଛନ୍ତି।

ମୁନୁଷପଦର ଗ୍ରାମରେ ଗତ ୩ ତାରିଖରୁ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଶିଶୁଙ୍କ ଗଳା ଫୁଲିବା ସହ ବ୍ୟଥା ହେବାରୁ ସେମାନେ ଖାଇବା ପିଇବା କରିପାରିଲେ ନାହିଁ। ଗତ ୬ ତାରିଖରେ ପ୍ରଥମେ ଜଣେ ଶିଶୁ ପୂର୍ଣ୍ଣଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ପ୍ରଥମେ ଜାଣିପାରିଲେ ନାହିଁ। ଫଳରେ ରୋଗ ଜଣକ ପରେ ଜଣକୁ ବ୍ୟାପିଥିଲା। ଗତ ୮ରେ ଦାଶୀ ଓ ୯ରେ ନରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୪ ଜଣ ପବିତ୍ର ମାଝି (୮), ମହେନ୍ଦ୍ର ମାଝି (୫), ପଳାସି ମାଝି (୧୨) ଓ ଜୟରାମ ମାଝି (୫) ଆକ୍ରାନ୍ତ ହେବାରୁ ମଙ୍ଗଳବାର ସେମାନଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସିଡିଏମ୍‌ଓ ରାଉତରାୟ କହିଛନ୍ତି, ଶିଶୁମାନେ ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ନମୁନା ପରୀକ୍ଷା ପରେ ପ୍ରକୃତ ରୋଗ ବିଷୟରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଆଦିବାସୀ ଅଧ୍ୟୁଷିତ କାଶୀପୁର ଅଞ୍ଚଳରେ ଲୋକେ ମେଡିକାଲ ଯାଇ ଚିକିତ୍ସା କରିବା ବଦଳରେ ପୂଜାପାଠ ଓ ଗୁଣିଗାରେଡ଼ି ଉପରେ ବିଶ୍ୱାସ କରିଥାନ୍ତି। ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁ ୩ ଶିଶୁଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି।

# ରେଳଧାରଣାରୁ ଦମ୍ପତିଙ୍କ ମୃତଦେହ ଜବତ

**କଣ୍ଟାବାଞ୍ଜି,୧୧।୬ (ଗୁରୁଦୟାଲ ହଂସ)**

ମଙ୍ଗଳବାର ଅପରାହ୍ନରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି–ରାୟପୁର ରେଳ ସେକ୍ସନର ତୁରେକେଲା ଓ ହରିଶଙ୍କର ମଧ୍ୟରେ ଥିବା ରେଳଧାରଣାରୁ ଏକ ଦମ୍ପତିଙ୍କ ମୃତଦେହ ଜବତ ହୋଇଛି। ଟ୍ରେନ୍‌ରେ କଟି ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ ହେଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। କଣ୍ଟାବାଞ୍ଜି ଜିଆର୍‌ପି ସୂଚନା ଅନୁଯାୟୀ, ମଙ୍ଗଳବାର ତୁରେକେଲା ଓ ହରିଶଙ୍କର ମଧ୍ୟରେ ଥିବା ରେଳ କି.ମି. ଖୁଣ୍ଟ ନଂ.୧୫୪/୨୬–୨୪ ନିକଟରେ ହୀରା ରଣା(୫୫) ଓ ଖୁଣ୍ଟ ନଂ.୧୫୪/୨୨–୨୪ ନିକଟରେ ମକାରୁ ରଣା(୬୦)ଙ୍କ ଟ୍ରେନ୍‌ରେ କଟି ମୃତ୍ୟୁ ଘଟିଛି। ଏ ନେଇ ବିଷ୍ଣୁପ୍ରସାଦ ସାହୁ ଜିଆର୍‌ପିକୁ ସୂଚନା ଦେଇଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଉଭୟେ ସ୍ୱାମୀ ସ୍ତ୍ରୀ ଲାଠୋର ଥାନା ଜଲପାଙ୍କେଲ ଗ୍ରାମର ବୋଲି ଜଣାପଡ଼ିଛି। ଦୁହେଁ ଦୀର୍ଘଦିନ ହେଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଯୋଗୁ ଯନ୍ତ୍ରଣା ସହି ନ ପାରି ଶେଷରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେମାନଙ୍କ ପୁଅମାନେ ସରକାରୀ ଚାକିରି କରୁଥିବା ଜଣାଯାଇଛି। ଏ ନେଇ କଣ୍ଟାବାଞ୍ଜି ଜିଆର୍‌ପି ନଂ. ୨୫ ଓ ୨୬/ ୧୧।୬।୨୦୨୪ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ରେଳଧାରଣାରୁ ମିଳିଲା ବିଏସ୍‌ଏଫ୍ ଯବାନଙ୍କ ମୃତଦେହ

**କୋରାପୁଟ,୧୧।୬(ଅମିତାଭ ବେହେରା)**

କୋରାପୁଟ – ରାୟଗଡ଼ା ରେଳପଥର ଲାଣ୍ଡିଗୁଡ଼ାସ୍ଥିତ ନୂଆ କଲୋନି ରେଳଧାରଣାରୁ ଜଣେ ବିଏସ୍‌ଏଫ୍ ଯବାନଙ୍କ ମୃତଦେହ ମଙ୍ଗଳବାର ଆର୍‌ପିଏଫ୍ ଉଦ୍ଧାର କରିଛି। ସେ ହେଲେ ଝାରସୁଗୁଡ଼ା ଜିଲାର ଧ୍ରୁବରାଜ ପ୍ରଧାନ। ସେ କୋରାପୁଟ ବିଏସ୍‌ଏଫ୍‌ରେ ଚାକିରି କରୁଥିଲେ। ଯବାନଙ୍କ ମୁଣ୍ଡ ଓ ଦେହ ପ୍ରାୟ ୫୦ ଫୁଟ ଦୂରତାରେ ପଡିଥିବା ଦେଖାଯାଇଛି। ପାରିବାରିକ କଳହ କାରଣରୁ ଯବାନ ଜଣଙ୍କ ଆତ୍ମହତ୍ୟା କରିଥିବା ଆର୍‌ପିଏଫ୍ ସନ୍ଦେହ କରିଛି। ଯବାନ ଜଣଙ୍କ କୋରାପୁଟରେ ତାଙ୍କ ସ୍ତ୍ରୀଙ୍କ ସହ ରହିଆସୁଥିଲେ। ସୋମବାର ରାତିରେ କୌଣସୀ କାରଣ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ଏହାପରେ ଧ୍ରୁବ ବିଳମ୍ବିତ ରାତିର ବାଇକ୍‌ରେ ଲାଣ୍ଡିଗୁଡ଼ାସ୍ଥିତ ନୂଆ କଲୋନି ଗ୍ରାମ ସମ୍ମୁଖ ରେଳଧାରଣା ନିକଟକୁ ଆସିଥିଲେ। ସକାଳୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ମିଳିଛି। ଖବରପାଇ ବିଏସ୍‌ଏଫ୍‌ର ପଦାଧିକାରୀ, କୋରାପୁଟ ଆର୍‌ପିଏଫ୍ ଓ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ଡାକ୍ତରଖାନାକୁ ପଠାଯାଇଛି। ପରିବାର ଲୋକେ ଆସିବା ପରେ ଯବାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ଆର୍‌ପିଏଫ୍ ୧୦/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି।

# ଖଣିରେ ଯାଞ୍ଚକୁ ନେଇ ଚର୍ଚ୍ଚାରେ ଥିଲେ ମୋହନ

**ଯୋଡ଼ା,୧୧।୬(ମାନସ ମହାନ୍ତି)**

କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ବିଧାନସଭା ପବ୍ଲିକ ଆକାଉଣ୍ଟ କମିଟିର ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ସମୟରେ କାନପୁର ଡ୍ୟାମ ଓ ଖଣି ଗସ୍ତ କରି କାର୍ଯ୍ୟ ସମୀକ୍ଷା କରୁଥିଲେ। କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ହେଉଥିବା ଖଣି ଓ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଡ୍ୟାମ୍‌ରେ ଅନିୟମିତତା ନେଇ କ୍ଷୋଭ ପ୍ରକାଶ କରିଥିଲେ।

୨୦୧୪ ଫେବୃଆରୀ ୨୬ରେ ମୋହନ ଖଣି ଅଞ୍ଚଳକୁ ଗସ୍ତରେ ଆସିଥିବାବେଳେ କାନପୁର ଡ୍ୟାମର ଜଳ କିପରି ଚାଷୀଙ୍କ ପାଖକୁ ଯିବ, ଏହା ତାଙ୍କର ମୁଖ୍ୟ ପ୍ରସଙ୍ଗ ଥିଲା। ୨୦୦୭ ପୁରୁଣା ଢାଞ୍ଚାରେ ନିର୍ମାଣ ହେଉଥିବା ପୁରୁଣା ଗେଟ୍ ସମ୍ପର୍କରେ କ୍ଷୋଭ ପ୍ରକାଶ କରିଥିଲେ। ୫ ଦଶନ୍ଧି ଧରି ପ୍ରକଳ୍ପ କାର୍ଯ୍ୟ ଚାଲିଥିବାବେଳେ ଅଟକଳ ୪୨୭ କୋଟି ଟଙ୍କାରୁ ୨୪ ଶହ କୋଟି ଟଙ୍କା ପହଞ୍ଚିଥିଲା। ଏହାକୁ ତୋଷାରପାତ କହିବା ସହିତ ଏହାକୁ ଶୀଘ୍ର ଶେଷ କରିବା, ଚାଷୀଙ୍କ ଜମିକୁ ତୁରନ୍ତ ପାଣି ଯୋଗାଇ ଦେବା ପାଇଁ ଦାବି କରିଥିଲେ। ୨୦୨୩ ଅକ୍ଟୋବର ୧୯ରେ ଖଣି ଅଞ୍ଚଳକୁ ନିଜ ଟିମ୍ ସହ ଗସ୍ତ କରି ଖଣି ଓ ଶିଳ୍ପର ବର୍ଜ୍ୟବସ୍ତୁକୁ ନଦୀକୁ ପାଣି ଛାଡ଼ିବା, ଆବଶ୍ୟକ ଯନ୍ତ୍ର ଯଥା ସର୍ଫେସ ରନ ଅପ ଟ୍ରିଟ ମେଣ୍ଟ ପ୍ଲାଣ୍ଟ, ଡଷ୍ଟିଂ ସିଷ୍ଟମ, ପଣ୍ଡ ମନିଟର ନ ଥିବାରୁ ଏହା କ୍ଷମଣୀୟ ନୁହେଁ, ୬ ମାସ ମଧ୍ୟରେ ରିପୋର୍ଟ ତଲବ କରିଥିଲେ। ସେ ସମୟରେ ଏହାକୁ ନେଇ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିରେ ଭୟ ସୃଷ୍ଟି ହୋଇଥିଲା। ଜୁରୁଡିସ୍ଥିତ ଏକ ଖଣି କମ୍ପାନୀକୁ ଯାଇ ଅନିୟମିତତା ସମ୍ପର୍କିତ ଯାଞ୍ଚ କରିଥିଲେ। ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ କାରବାର କରୁଥିବା ଅଭିଯୋଗ ପରେ ଖଣିଜ ମାନ ଯାଞ୍ଚ ପାଇଁ ମୋହନ ଅଣ୍ଟା ଭିଡ଼ିଥିଲେ। ଖଣିର ଷ୍ଟକ୍‌ରୁ ନମୁନା ସଂଗ୍ରହ କରି ରସାୟନ ପରୀକ୍ଷାଗାରକୁ ପଠାଇଥିଲେ। ଶିଳ୍ପ ସଂସ୍ଥାରେ ପରିବେଶ ଓ ପ୍ରଦୂଷଣ ଉପରେ ଅନିୟମିତତା, ତାଙ୍କର ଶାଣିତ ସ୍ୱରକୁ ସରକାରଙ୍କ ନିକଟକୁ ପହଞ୍ଚାଉଥିଲେ। କେନ୍ଦୁଝର ସଦର ସମେତ ଯୋଡା, ବଡ଼ବିଲ, ଚମ୍ପୁଆ ପ୍ରଭୃତି ଅଞ୍ଚଳରେ ତାଙ୍କର ନିର୍ମଳ ଭାବମୂର୍ତ୍ତିକୁ ବଜାୟ ରଖିଥିଲେ। ସେ ପ୍ରବଞ୍ଚନାକୁ ପ୍ରଶୟ ନ ଦେଇ ଜନତାଙ୍କ ସ୍ୱର ପାଲଟିଥିଲେ।

**ପାଳଗଦା ପୋଡ଼ିବା ମାମଲାରେ ଅଭିଯୁକ୍ତ ଗିରଫ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ଅଧୀନ ଦଲଭାଣପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନାଙ୍କ ପାଳଗଦାରେ ଗତ ୯ ତାରିଖରେ ନିଆଁ ଲଗାଇ ପୋଡ଼ିବା ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର କିଶୋର ଜେନା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଚନ୍ଦ୍ରକାନ୍ତ ଜେନା ଛତୁ ଚାଷ ପାଇଁ ତାଙ୍କ ବାରିପଟେ ୪୦ ହଜାର ପାଳ କିଣି ଗଦା କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଶୋର ରାତିରେ ପାଳଗଦାରେ ନିଆଁ ଲଗାଇବା ସମୟରେ ଗ୍ରାମର ଜଣେ ବ୍ୟକ୍ତି ଦେଖିଦେବାରୁ କିଶୋର ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏନେଇ ଚନ୍ଦ୍ରକାନ୍ତ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୬।୨୦୨୪

| | |
|---|---|
| ୫,୧୦,୮୧୭ ଟଙ୍କା | |
| ସୁନା | ୭.୫୦ ଗ୍ରାମ୍ |
| ରୁପା | ୨୦.୮୫୦ ଗ୍ରାମ୍ |

# ଶ୍ରୀକ୍ଷେତ୍ରରେ ପଞ୍ଚ ମହାଦେବଙ୍କ ବିବାହ ସମ୍ପନ୍ନ

**ପୁରୀ,୧୧।୬(ଅଜିତ୍ କୁମାର ମହାନ୍ତି):**

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଶ୍ରୀକ୍ଷେତ୍ରର ସମସ୍ତ ଶୈବପୀଠରେ ଶିବ ବିବାହ ନୀତି ସମ୍ପନ୍ନ ହୋଇଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକାଳମୋଚନ, ଶ୍ରୀନୀଳକଣ୍ଠଙ୍କ ବିବାହ ନୀତି ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ବିବାହ ପୂର୍ବଦିନ ପଞ୍ଚମହାଦେବ ନିଜ ନିଜ ଶଶୁରାଳୟରୁ ପାର୍ବତୀଙ୍କୁ ଘେନି ସ୍ୱ ସ୍ୱ ମନ୍ଦିରରେ ବିଜେ କରିଥିଲେ। ଏହାକୁ କନ୍ୟା ଚୋରି ନୀତି କୁହାଯାଏ। ଦେବ ଦେବ ମହାଦେବ ଏବଂ ମା' ପାର୍ବତୀଙ୍କ ବିବାହ ଉତ୍ସବ ନିମନ୍ତେ ପଞ୍ଚମହାଦେବଙ୍କ ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ଦ୍ୱାରଫିଟା ଯାଇ ମଙ୍ଗଳ ଆଳତି, ମଇଲମ, ମହାସ୍ନାନ ଆଦି ନୀତି ହୋଇ ଚନ୍ଦନଲାଗି କରାଯାଇଥିଲା। ଏହାପରେ ବଲ୍ଲଭ ଭୋଗ ହୋଇଥିଲା। ପରେ ସକାଳଧୂପ ନୀତି ବଢ଼ି ରୋଷଘରେ ବିବାହ ହାଣ୍ଡି ବସିଥିଲା। ପରେ ମହାଦେବ ଓ ମା' ପାର୍ବତୀଙ୍କ ମାଜଣା ନୀତି ହୋଇ ବେଶ ବଢ଼ିଥିଲା। ତତ୍ପରେ ବିବାହ ମଣ୍ଡପକୁ ଠାକୁର ଠାକୁରାଣୀ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ବିବାହର ପ୍ରଥମ ବରଣ ନିମନ୍ତେ ମହାଦେବ ଧଳା ଏବଂ ମା' ପାର୍ବତୀ ପୀତ ବସ୍ତ୍ର ପରିଧାନ କରିଥିଲେ। ପ୍ରଥମ ବରଣ କର୍ମ ସରିବା ପରେ ଉଭୟ ମହାଦେବ ଏବଂ ମା' ପାର୍ବତୀଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁର ଠାକୁରାଣୀଙ୍କୁ ପାଟ ପରିଧାନ କରାଯାଇଥିଲା। ଏହାପରେ ଦ୍ୱିତୀୟ ବରଣ କର୍ମ ଆରମ୍ଭ ହୋଇଥିଲା। ଏହି କର୍ମରେ ଉଭୟ ଠାକୁର ଠାକୁରାଣୀଙ୍କୁ ଅଷାଢୁଆ ସୂତା ବନ୍ଧାଯାଇଥିଲା। ଗଇଁଠାଳ ପଡ଼ିବା ପରେ ପ୍ରସାଦ ଲାଗି ହୋଇ ହାତଗଣ୍ଠି ପଡ଼ି ବିବାହ ହୋମ ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଭୋଗ ପଣା ପଞ୍ଚଉପଚାରରେ ଅର୍ପଣ ହୋଇ ବନ୍ଦାପନା ନୀତି ବଢ଼ିଥିଲା। ଉଭୟ ନବବିବାହିତ ଦେବଦମ୍ପତିଙ୍କୁ ସେବକମାନେ ଜଗମୋହନରେ ଥିବା ବୃଷଭଙ୍କୁ ଲାଗି କରାଇ ଗର୍ଭଗୃହକୁ ବିଜେ କରାଇଥିଲେ। ବୁଧବାର ଶୀତଳଷଷ୍ଠୀ ଅବସରରେ ନବ ବିବାହିତ ଦେବ ଦମ୍ପତି ନଗର ପରିକ୍ରମା କରି ପନ୍ତି ଭୋଗ ମଣୋହୀ ହୋଇ ଶ୍ରୀମନ୍ଦିରକୁ ବିଜେ କରିବେ। ସେଠାରେ ବନ୍ଦାପନା ନୀତି ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।



## ରଥଖଳାରୁ...

# ୩ ରଥ ଅଖରେ ଚକ ସଂଯୋଗ ସରିଲା



**ପୁରୀ,୧୧।୬(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ୧ ମାସରୁ କମ୍ ସମୟ ଥିବାବେଳେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ମଙ୍ଗଳବାର ପୂର୍ବାହ୍ଣରେ ୩ ରଥର ଅଖଗୁଡ଼ିକରେ ଚକ ସଂଯୋଗ କାର୍ଯ୍ୟ ୩ ରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଯାଇଛି। ଏଥିସହ ୩ ରଥର ଚାରିନାହାକା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରଥ ଅମିନ, ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ୩ ରଥର ଚାର ପରିଛା, ଧୂଳିଦଣ୍ଡା ଏବଂ ଢମକ ନିର୍ମାଣ ପାଇଁ ୩ଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଛନ୍ତି; ଯାହାକି ୩ ରଥର ମହାରଣା ସେବକମାନେ ସେଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ୩ ରଥର ପାଟଦଣ୍ଡା ଚଉପଟ ସହ ଦୁଇ ପାର୍ଶ୍ୱ ସାଲ କାର୍ଯ୍ୟ ଶେଷ ହୋଇ ୩ ରଥର ପାର୍ଶ୍ୱ ଦଣ୍ଡା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ୩ ରଥର ୩୩ଟି କୋଣଗୁଜରେ ରୂପ ଖୋଦେଇ ଶେଷକରି ୩ ରଥର ବେଦୀ ସିଂହାସନ ମୁହାଁଟିର ୨ ପାର୍ଶ୍ୱରେ ମତ୍ସ୍ୟ ଥାଇ ପୂର୍ଣ୍ଣ କୁମ୍ଭ, ମୟୂର ଏବଂ ଡାଳୀ ଲତା ଚିତ୍ର ଖୋଦେଇ ଜାରି ରଖିଛନ୍ତି। କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ଶେଷକରି ଦର୍ପଦଳନ ରଥର ୪୦ଫୁଟିଆ ପୋଲ ଗୟଳ କାଠର ଗୋଟିଏ ପାର୍ଶ୍ୱ ବାରିସିରେ ହାଣି ସମତଳ କାର୍ଯ୍ୟ ଶେଷ କରିଛନ୍ତି। ତେବେ ଆଉ ଗୋଟିଏ ପାର୍ଶ୍ୱ ସମତଳ କାର୍ଯ୍ୟ ପରେ ଦର୍ପଦଳନ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଆରମ୍ଭ ହେବ। ଅପରପକ୍ଷରେ ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଅଖଦଣ୍ଡା ସଂଯୋଗ ପାଇଁ ଘଡ଼ି ମୁହଁ କଣ୍ଟା, ପୋଖରିଆ କଣ୍ଟା ଓ ଗରଗରା କଣ୍ଟା ନିର୍ମାଣ ଶେଷକରି ଭୂଇଁ, ଚାରପରିଛା ପାଇଁ ବିଡିଆ କଣ୍ଟା ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଏଥିସହ ତାଳଧ୍ୱଜ ରଥର ଦ୍ୱାରବେଢ଼ା ପାଇଁ ୪ଟି ଧ୍ୱଜବତା କଣ୍ଟା ନିର୍ମାଣ ଶେଷ ହୋଇଛି।

## ସଂକ୍ଷେପରେ

### ଅଣସରରେ ଅର୍ଗଳି ପାଖରୁ ଦର୍ଶନ ଦେବେ ଶ୍ରୀଜୀଉ

**ବ୍ରହ୍ମଗିରି,୧୧।୬(ସ୍ୱାଧୀନ ଚମ୍ପତିରାୟ)**

ମହାପ୍ରଭୁ ଅଲାରନାଥଙ୍କ ଅଣସର ଦର୍ଶନ ପାଇଁ ମଙ୍ଗଳବାର ଅଲାରନାଥଙ୍କ ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷର ଅଣସର ଦର୍ଶନ କିପରି ଶୃଙ୍ଖଳିତ ହେବ ସେନେଇ ଆଲୋଚନା ହୋଇଥିଲା। ତେବେ ଏଥର ଭକ୍ତମାନେ ଶ୍ରୀଜୀଉଙ୍କ ନିକଟକୁ ନ ଯାଇ ଅର୍ଗଳୀ ପାଖରୁ ଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପୁରୀ ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ଅଧ୍ୟକ୍ଷତାରେ ଏଣ୍ଡାମେଣ୍ଟର ଅତିରିକ୍ତ କମିଶନ ଗଗନ ସାହୁ, ବ୍ରହ୍ମଗିରି ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ବ୍ରହ୍ମଗିରି ବିଡିଓ ମଳୟ ନାୟକ, ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ମନ୍ଦିର ସେବାୟତ ଓ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ। ପ୍ରକାଶଥାଉ କି, ଆସନ୍ତା ୨୩ ତାରିଖରୁ ୧୪ ଦିନ ଧରି ଚଳିତବର୍ଷ ଅଣସର ଦର୍ଶନ ଚାଲିବ। ଏହି ଅଣସର ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ। ଅସହ୍ୟ ଗରମ ଓ ଖରାରୁ ରକ୍ଷା ପାଇବାକୁ ଭକ୍ତଙ୍କ ପାଇଁ ଟେଣ୍ଟ ଏବଂ ମନ୍ଦିରବେଢାରେ ସ୍ୱତନ୍ତ୍ର ମ୍ୟାଟ ସହ ପାଣି ଭିଜାଇ ରଖାଯିବ। ଫଳରେ ଖାଲି ପାଦରେ ଭକ୍ତମାନେ ଶାନ୍ତିରେ ଛିଡ଼ା ହୋଇପାରିବେ। ଶୃଙ୍ଖଳିତ ନୀତି ପାଇଁ ନୀତି ନିର୍ଦ୍ଧାରଣ କରାଯିବ। ଭକ୍ତଙ୍କ ପାଇଁ ପାନୀୟ ଜଳ ଓ ପରିମଳ ପ୍ରତି ଗୁରୁତ୍ୱ ଦିଆଯିବ।

### ବିଜେଡି ସଭାପତିଙ୍କ କାର୍ ଭାଙ୍ଗିବା ଘଟଣାରେ ଯୁବକ ଗିରଫ

**ଯୋଗେଶ୍ୱରପୁର,୧୧।୬(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତର ବିଜେଡି ସଭାପତି ଜ୍ୟୋତିରଞ୍ଜନ ନାୟକଙ୍କ କାର୍ କାଚ ଭାଙ୍ଗିବା ଘଟଣାରେ ନୟାହାଟ ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ସୋରଭା ପଞ୍ଚାୟତ ପାଇକସାହି ଗ୍ରାମର ବିଶିଆ ନାୟକ। ଏନେଇ ପୋଲିସେ ଗୋପ ଥାନାରେ ୧୮୪/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୭ତାରିଖରେ ନୟାହାଟ ଫାଣ୍ଡି ଏଏସ୍ଆଇ ସନ୍ତୋଷ ସାହୁ ବିଶିଆଙ୍କୁ ପାଇକସାହି ଗ୍ରାମରୁ ଧରିବାରେ ସଫଳ ହୋଇଥିଲେ।

### ଖୁସି ମନାଇଲେ ଭାଜପା କର୍ମୀ

**ନିମାପଡ଼ା,୧୧।୬ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ମାଟିର ବୋହୂ ତଥା ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ପ୍ରଭାତୀ ପରିଡ଼ା ରାଜ୍ୟରେ ନୂତନ ଭାଜପା ସରକାରରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଭାତୀଙ୍କୁ ଏଭଳି ସମ୍ମାନଜନକ ପଦବୀ ମିଳିଥିବାରୁ ଭାଜପା ମୁଖପାତ୍ର ସମୀର ଦାଶ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି। ଏଥିପାଇଁ ସେ କେନ୍ଦ୍ର ଓ ରାଜ୍ୟରେ ଭାଜପା ବରିଷ୍ଠ ନେତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିମାପଡ଼ା ଓ ଗୋପରେ ପ୍ରଭାତୀଙ୍କ ନେତୃତ୍ୱରେ ବହୁବିଧ ବିକାଶ ହେବା ସହ ରାଜ୍ୟରେ ନିମାପଡ଼ା ଏକ ଅଗ୍ରଣୀ ନିର୍ବାଚନମଣ୍ଡଳୀର ମାନ୍ୟତା ପାଇବ ବୋଲି ସମୀର କହିଛନ୍ତି। ନିମାପଡ଼ା ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ବାଜା ବଜାଇ, ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ମନାଇଛନ୍ତି। ଏହି ବିକାଶ ସ୍ରୋତରେ ସମସ୍ତ ଜନସାଧାରଣ ନିର୍ବାଚନମଣ୍ଡଳୀବାସୀ ସାମିଲ ହେବାକୁ ଦଳର ବରିଷ୍ଠ ଭାଜପା ନେତା କୃଷ୍ଣଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ନାୟକ, ମୀନଲତା ମହାନ୍ତି, କୈଳାସ ଚନ୍ଦ୍ର ଦାସ, ବିଶ୍ୱଜିତ୍ ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦମାନେ ମତ ପ୍ରକାଶ କରିଛନ୍ତି।

# ଶ୍ରୀଚଣ୍ଡେଶ୍ୱରଙ୍କୁ ବିବାହକଲେ ହରଚଣ୍ଡୀ

## ଶାସନ ଶ୍ରୀରାମଚନ୍ଦ୍ରପୁର ଉତ୍ସବ ମୁଖରିତ

**ସାକ୍ଷୀଗୋପାଳ,୧୧।୬(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)**



ଶାସନ ଶ୍ରୀରାମଚନ୍ଦ୍ରପୁରରେ ଦେବ ବିବାହ ନୀତି ସମ୍ପନ୍ନ କରାଯାଉଛି।

ସତ୍ୟବାଦୀର ଶାସନ ଶ୍ରୀରାମଚନ୍ଦ୍ରପୁର ଗାଁରେ ମଙ୍ଗଳବାର ବୈଦିକ ରୀତିନୀତିରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ବରବେଶରେ ଶ୍ରୀଚଣ୍ଡେଶ୍ୱର ସଜେଇ ହୋଇ ବରଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ବାହାରି ମାତା ହରଚଣ୍ଡୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ବ୍ରାହ୍ମ ମୁହୂର୍ତ୍ତରେ ଶୁଭ ଲଗ୍ନରେ ଶ୍ରୀଚଣ୍ଡେଶ୍ୱର ଓ ମାତା ହରଚଣ୍ଡୀଙ୍କ ମଧ୍ୟରେ ହାତଗଣ୍ଠି ପଡ଼ିଛି। ମଙ୍ଗଳବାର ଏହି ମାଙ୍ଗଳିକ ଉତ୍ସବକୁ ନେଇ ଶାସନ ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ବରପିତା ଭାବେ ବସନ୍ତ ମିଶ୍ର ଏବଂ ବରଯାତ୍ରୀ ଭାବେ ପ୍ରଭୁ ଜଟେଶ୍ୱର, ନୀଳକଣ୍ଠ, ବାଲୁଙ୍କେଶ୍ୱର, ଜମ୍ଭେଶ୍ୱର, ଦଣ୍ଡାବାଲୁଙ୍କେଶ୍ୱର, ଗୋପୀନାଥ, ହନୁମାନ ଆଦିଙ୍କ ସହିତ ପ୍ରଭୁ ଚଣ୍ଡେଶ୍ୱର ଦେବ ଘଣ୍ଟ, ତେଲିଙ୍ଗିବାଜା, ମହୁରୀ, ବିଜେ କାହାଳୀ ଓ ବୀରବାଦ୍ୟ ସମେତ ରୋଷଣିରେ ହରଚଣ୍ଡୀ ମନ୍ଦିରକୁ ବିଜେ କରିଥିଲେ। କନ୍ୟାପିତା ଭାବେ ଜିତେନ୍ଦ୍ର ମହାପାତ୍ର ବାଟବରଣ କରି ଚଣ୍ଡେଶ୍ୱର ଦେବଙ୍କୁ ବିବାହ ବେଦିକୁ ପାଛୋଟି ନେଇଥିଲେ। ବରପକ୍ଷ ପୁରୋହିତ ହରପ୍ରସାଦ ଦାଶ ଓ କନ୍ୟା ପକ୍ଷ ପୁରୋହିତ ଯୋଗୀବନ୍ଧୁ ଦୀକ୍ଷିତ ଶୀତଳଷଷ୍ଠୀରେ ଏହି ପବିତ୍ର ବିବାହ ରୀତିନୀତି କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ଉତ୍ସବରେ କୋଠ ସଭାପତି ମନମୋହନ ମିଶ୍ର, ଉପସଭାପତି ସତ୍ୟପ୍ରକାଶ ଦାଶ, ସମ୍ପାଦକ ମାନସ ତ୍ରିପାଠୀଙ୍କ ସହିତ ଶାସନ ଗ୍ରାମର ଅନେକ ବରିଷ୍ଠ ଓ ବୟୋଜ୍ୟେଷ୍ଠଙ୍କ ସହ ଯୁବକମାନେ ଯୋଗଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାଣ ପ୍ରଦର୍ଶନୀ ହେଉଛି ଏହି ପର୍ବର ଏକ ଅଂଶ। ମାତ୍ର ପୁରୀ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ସତ୍ୟବାଦୀ ଥାନା ଅଧିକାରୀ ଉମେଶ ସାହୁ ଚଳିତ ବର୍ଷ ଶାସନ ଗ୍ରାମରେ ଶୀତଳଷଷ୍ଠୀ ପର୍ବରେ ବାଣ ପ୍ରଦର୍ଶନୀ ବନ୍ଦ ରଖିବା ପାଇଁ ଗ୍ରାମ କୋଠକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବାଣ ପ୍ରଦର୍ଶନୀ ବନ୍ଦ ରଖାଯାଇଥିଲା।

## ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ହେବ ରଜ ମହୋତ୍ସବ

**ପୁରୀ,୧୧।୬(ଅଜିତ୍ ମହାନ୍ତି)**

ଓଡ଼ିଶାବାସୀଙ୍କ ଏକ ପ୍ରମୁଖ ପର୍ବ ହେଉଛି ରଜ। ଏହି ରଜ ମହୋତ୍ସବକୁ ଭାଜପାର ମହିଳା ମୋର୍ଚ୍ଚା ଶରଧାବାଲି ମଣ୍ଡଳ, ପୁରୀ ପକ୍ଷରୁ ଏକ ଭବ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଧୁମଧାମରେ ପାଳନ କରାଯିବ। ଆସନ୍ତା ୧୫ ଓ ୧୬ତାରିଖ ୨ ଦିନ ଧରି ଏହି ଉତ୍ସବ ପାଳନ କରାଯିବା ନେଇ ମଙ୍ଗଳବାର ମହିଳା ମୋର୍ଚ୍ଚା ପକ୍ଷରୁ ଭିଆଇପି ରୋଡ୍‌ସ୍ଥିତ ଏକ ହୋଟେଲ ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରଜପିଠା, ରଜପାନ ସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ମଉଜ ସହିତ ରଜଦୋଳିର ମଜାନେବାକୁ ମହିଳା ମୋର୍ଚ୍ଚା ପକ୍ଷରୁ ପୁରୀର ସମସ୍ତ ମାତୃଶକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ସମ୍ମିଳନୀରେ ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାଢ଼ୀ, ସନ୍ଧ୍ୟା ମିଶ୍ର, ଭାଜପାର ଜିଲା ସମ୍ପାଦିକ ସୁଦେଶା ପଣ୍ଡା, ମଣ୍ଡଳ ସଭାନେତ୍ରୀ କମଳିନୀ ମହାପାତ୍ର, ମଣ୍ଡଳ ସମ୍ପାଦିକା ପ୍ରିୟଙ୍କା ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାସ, ସନାତନ ଦାସ ଏବଂ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନବବଧୂ ବେଶରେ ଆସିଲେ ମା' ପାର୍ବତୀ



**ଅସ୍ତରଙ୍ଗ,୧୧।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପବିତ୍ର ଶୀତଳଷଷ୍ଠୀ ତିଥିରେ ଦେବଦେବ ମହାଦେବ ଈଶ୍ୱରନାଥ ମା'ପାର୍ବତୀଙ୍କୁ ସୋମବାର ବିବାହ କରି ମଙ୍ଗଳବାର ମା'ଙ୍କୁ ନବବଧୂ ବେଶରେ ସାଙ୍ଗରେ ଧରି ମନ୍ଦିରକୁ ଫେରିଛନ୍ତି। ସୋମବାର ବର ବେଶରେ ସଜେଇ ହୋଇ ମହାଦେବ ଈଶ୍ୱରନାଥ ବରଯାତ୍ରୀ ନେଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇଥିଲେ। ତାହାଠୁ ବଡ଼ ଶୋଭାଯାତ୍ରାରେ ମା' ପାର୍ବତୀଙ୍କ ସହ ନିଜ ଘରକୁ ବାହୁଡ଼ି ଆସିଥିଲେ। ବାଜା, ବାଣ, ରୋଶଣିରେ ଅସ୍ତରଙ୍ଗ ବ୍ଲକ ଜୀଉନ୍ତି ଗ୍ରାମରେ ମହାଉଲ୍ଲାସର ମାହୋଲ ଦେଖିବାକୁ ମିଳିଥିଲା। ଶତାଧିକ ଭକ୍ତ ବିମାନରେ ନଗର ପରିକ୍ରମା ଅବସରରେ ଦେବଦମ୍ପତିଙ୍କ ଦର୍ଶନ କରିବାକୁ ଏକତ୍ରିତ ହୋଇଥିଲେ। ସବୁଠୁ ଦିନରେ ପ୍ରବଳ ଗରମ ହୋଇଥିଲେ ମଧ୍ୟ ରାତିର ଶୀତଳଷଷ୍ଠୀ ତିଥିକୁ ବେଶ ସୁହାଇଥିଲା। ସନ୍ଧ୍ୟାରେ ମା'ଙ୍କୁ ବିଦାୟ ଦେବାବେଳେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଶଙ୍ଖ, ଢୋଲ ଆଦି ବିଭିନ୍ନ ପାରମ୍ପରିକ ବାଦ୍ୟରେ ଜୀଉନ୍ତି ଗ୍ରାମ କମ୍ପି ଉଠିଥିଲା। ରଙ୍ଗିନ ଆଲୋକମାଳାରେ ଝଲମଲ ହେଉଥିବା ନଗର ପରିକ୍ରମା ବିଭିନ୍ନ ଗ୍ରାମରେ ଏହି ଶୋଭାଯାତ୍ରା ବେଶ ଆକର୍ଷଣୀୟ ହୋଇଥିଲା।



ଉପମୁଖ୍ୟମନ୍ତ୍ରୀ ଭାବେ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ନାମ ଘୋଷଣା ପରେ ଉଲ୍ଲସିତ ମୁହୂର୍ତ୍ତରେ ତାଙ୍କ ପରିବାର ସହ ଗ୍ରାମବାସୀ। (ଫଟୋ-ଭାରତୀ ଭୂଷଣ ଉପାଧ୍ୟାୟ)

# ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ

**ପିପିଲି,୧୧।୬ (ପ୍ରଭାତ ମହାପାତ୍ର/ଦୁର୍ଗା ମାଧବ ମିଶ୍ର)**



ପିପିଲି ବ୍ଲକ ଅଧୀନ ଅର୍ଜୁନଗୋଦା ଗ୍ରାମରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ତୃତୀୟ ବିବାହ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଧୁମଧାମ୍‌ରେ ସମ୍ପନ୍ନ ହୋଇଯାଇଛି। ବିବାହ କାର୍ଯ୍ୟକ୍ରମ ସମୟରେ ଅର୍ଜୁନଗୋଦା ଗ୍ରାମରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ବାଜା, ବାଣ, ଘୋଡ଼ା, ଲଉଡ଼ି ଖେଳ, ନାମ ସଙ୍କୀର୍ତ୍ତନ, ଘଣ୍ଟଘଣ୍ଟା, ହୁଳହୁଳି, ହରିବୋଲରେ ପ୍ରକମ୍ପିତ ହୋଇଉଠିଥିଲା ପ୍ରଭୁଙ୍କ ପୀଠ। ଦେବଦେବ ମହାଦେବ ବାବା ବାଲୁଙ୍କେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରାରେ ନଗର ପରିକ୍ରମା ସହ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ସୋମବାର ପୂର୍ବାହ୍ଣରେ ଶତାଧିକ ମହିଳା ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା କରିବା ସହ ମା' ଦୁର୍ଗାଣୀଙ୍କ ପୀଠରେ ଦିଅଁ ମଙ୍ଗୁଳା କାର୍ଯ୍ୟ ବିଧି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ କନ୍ୟାପକ୍ଷ ପକ୍ଷରୁ ବିରାଟ ପଟୁଆରରେ ବାବା ବାଲୁଙ୍କେଶ୍ୱର ମନ୍ଦିର ନିକଟକୁ ଏକ ଶୋଭ ଯାତ୍ରାରେ ଆସି ପରମ୍ପରା ଅନୁଯାୟୀ ବର ନିମନ୍ତ୍ରଣ କରିଥିଲେ। ପରେ ବରଯାତ୍ରୀ ନୀତିରେ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହ ପ୍ରଭୁ ବାଲୁଙ୍କେଶ୍ୱର ଗ୍ରାମ ପରିକ୍ରମା କରିଥିଲେ। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଦାଣ୍ଡରେ ଉଭୟ ପାର୍ଶ୍ୱରେ ଠିଆ ହୋଇ ଠାକୁରଙ୍କୁ ଦର୍ଶନ କରିବା ସହ ମହାଦେବଙ୍କ ଶୋଭାଯାତ୍ରାକୁ ମନଭରି ଉପଭୋଗ କରିଥିଲେ। ପରେ ବରଯାତ୍ରୀ ଦଳଙ୍କୁ ସେଠାରେ ଠାକୁରଙ୍କ ପ୍ରସାଦ ଆପ୍ୟାୟିତ କରାଯାଇ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। କନ୍ୟାପକ୍ଷର ପିତା ମାତା ତଥା ଗ୍ରାମର ସରୋଜ ପାଣ୍ଡେ, ଲକ୍ଷ୍ମୀପ୍ରିୟା ପାଣ୍ଡେ ଓ ବରପକ୍ଷ ପିତା ମାତା ପଞ୍ଚୁ ସ୍ୱାଇଁ, କୁନ୍ତଳା ସ୍ୱାଇଁ ପ୍ରଭୁଙ୍କ ବିବାହ ଦାୟିତ୍ୱ ତୁଲାଇଥିଲେ। ଏହି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସୁଶ୍ରୁତ ହସ୍ପିଟାଲ ସିଇଓ ଡ. ଚିଦାତ୍ମିକା ଖଟୁଆ ଓ ତାଙ୍କ ପରିବାର ଆସି ବିବାହ ଉତ୍ସବରେ ଯୋଗଦେଇ ବିବାହ ରୀତିନୀତି ଅନୁସାରେ ବନ୍ଦାପନା କରିଥିଲେ। ଏହି ଅବସରରେ ଗ୍ରାମର ପୁରାତନ ଅନୁଷ୍ଠାନ ଦ୍ୱାରା ନାମ ସଙ୍କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକୁ ଅର୍ଜୁନଗୋଦା ଗ୍ରାମବାସୀ ତତ୍ତ୍ୱାବଧାନ କରିଥିଲେ।

# ମାନସଙ୍କ ବହିଷ୍କାରକୁ ବିରୋଧ

**ପୁରୀ,୧୧।୬(ଅଜିତ୍ ମହାନ୍ତି)**

## ଯୁବ ଓ ଛାତ୍ର କଂଗ୍ରେସର ବିକ୍ଷୋଭ

କଂଗ୍ରେସର ଜଣେ ସାଧାରଣ ସଙ୍ଗଠକ ମାନସ ଚୌଧୁରୀଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଏହାକୁ ବିରୋଧ କରି ପୁରୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଯୁବ ଓ ଛାତ୍ର କଂଗ୍ରେସର କର୍ମୀମାନେ ମଙ୍ଗଳବାର ପିସିସି ସଭାପତି ଓ ରାଜ୍ୟ କଂଗ୍ରେସ ପ୍ରଭାରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଉଭୟ ନେତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। କର୍ମୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି ଯେ, ବିନା କାରଣ ଦର୍ଶାଅ ନୋଟିସରେ ମାନସଙ୍କୁ ଦଳରୁ ୬ବର୍ଷ ପାଇଁ ବହିଷ୍କାର କରାଯାଇଛି। ମାନସ ରାତିଦିନ ପରିଶ୍ରମ କରି ଯୁବ ଓ ଛାତ୍ର କଂଗ୍ରେସକୁ ମଜବୁତ କରିଥିଲେ। ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହ ଓଡ଼ିଶାରେ ଭାରତ ଯୋଡ଼ ଏବଂ ଓଡ଼ିଶା ଯୋଡ଼ ଯାତ୍ରାକୁ ସଫଳ ମଧ୍ୟ କରାଇଥିଲେ। ଏପରିକି ରାଷ୍ଟ୍ରୀୟ ନେତାଙ୍କ ନିର୍ବାଚନୀ ପ୍ରଚାରକୁ ସଫଳ କରିଥିଲେ। ଏପରିସ୍ଥଳେ ତାଙ୍କୁ ବହିଷ୍କାର କରାଯିବା ଦୁଃଖଦାୟକ। ବିଧାନସଭାରେ କଂଗ୍ରେସକୁ ୩୦ରୁ ଊର୍ଦ୍ଧ୍ୱ ସିଟ ମିଳିବ ବୋଲି ରାଜ୍ୟ ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ରିପୋର୍ଟ ସୂଚନା ଦେଇଥିବାବେଳେ ଦଳ ମାତ୍ର ୧୪ ସିଟ ଜିତିପାରିଛି। ଏନେଇ ମାନସ ପ୍ରଶ୍ନ କରିବାରୁ ତାଙ୍କୁ ବିନା ନୋଟିସରେ ଦଳରୁ ବହିଷ୍କାର କରାଯାଇଛି। ଏହି ଅନ୍ୟାୟ, ଅତ୍ୟାଚାରକୁ ଯୁବ ଓ ଛାତ୍ର କଂଗ୍ରେସ ସହିବ ନାହିଁ। ଯଦି ନ୍ୟାୟ ନ ମିଳେ ତେବେ ପିସିସି ସଭାପତି ଏବଂ ପ୍ରଭାରୀଙ୍କୁ କାଳି ଓ ଅଣ୍ଡା ମାଡ଼ କରାଯିବ ବୋଲି ପୁରୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଦଳର ଖରାପ ପ୍ରଦର୍ଶନକୁ ସ୍ୱୀକାର କରି ତୁରନ୍ତ ନୈତିକତା ଦୃଷ୍ଟିରୁ ପିସିସି ସଭାପତି ଏବଂ ଓଡ଼ିଶା ପ୍ରଭାରୀ ଇସ୍ତଫା ଦେବାକୁ ଦାବି କରାଯାଇଛି।

## ରଜରେ ପୁରୀବାସୀ ଦେଖିପାରିବେ 'କୁହୁଡ଼ି'

**ପୁରୀ,୧୧।୬(ଅଜିତ୍ ମହାନ୍ତି)**

ରଜପର୍ବ ଅବସରରେ ଓଡ଼ିଆ ଚଳଚ୍ଚିତ୍ର 'କୁହୁଡ଼ି' ସାରା ରାଜ୍ୟରେ ରିଲିଜ ହେବ। ପୁରୀର କେତେଜଣ ଯୁବସିନେପ୍ରେମୀଙ୍କ ଉଦ୍ୟମରେ ସ୍ଥାନୀୟ ଟାଉନହଲରେ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ମଧ୍ୟାହ୍ନ ୧୨ଟା, ଅପରାହ୍ନ ୩, ସନ୍ଧ୍ୟା ୬ ଏବଂ ରାତି ୯ଟା ଏହିପରି ୪ଟି ଶୋ'ର ବ୍ୟବସ୍ଥା ହୋଇଛି। ସମସ୍ତ ସିଟ୍‌ରେ ନମ୍ବର ରହିଛି। ଦର୍ଶକମାନେ ଆଗ ଆସି ନିଜ ମନପସନ୍ଦର ସିଟ୍ ଚୟନ କରି ଟିକେଟ କାଟିପାରିବେ। ସାଧାରଣ ଦର୍ଶକଙ୍କ ପାଇଁ ଟିକେଟର ମୂଲ୍ୟ ୧୬୦ ଟଙ୍କା ରଖାଯାଇଛି। ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଡଭାନ୍ସ ଟିକେଟ୍ ବୁକ୍ କରିହେବ। ଟିକେଟ ବୁକିଂ ସହାୟତା ନିମନ୍ତେ ମୋବାଇଲ ନଂ. ୭୩୭୭୨୯୦୫୦୧/୮୭୩୭୨୯୦୫୦୧ ଜାରି କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଆୟୋଜକ ପିନାକୀ ଶ୍ରୀଚନ୍ଦନ, ସୌମ୍ୟରଞ୍ଜନ ଶତପଥୀ ଏବଂ ସ୍ୱସ୍ତିକ ମହାନ୍ତି ପ୍ରମୁଖ କହିଛନ୍ତି।

# ଆସୁଛି ରଜ, ପରିବା ଦର ଆକାଶଛୁଆଁ

**ଅସ୍ତରଙ୍ଗ,୧୧।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ବଜାର ସମେତ ସାପ୍ତାହିକ ହାଟରେ ପରିବା ଦର ଆକାଶ ଛୁଆଁ। ସବୁ ପରିବାର ଅହେତୁକ ଦର ବୃଦ୍ଧି ଗ୍ରାହକ ଓ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ଅସ୍ତରଙ୍ଗ ହାଟରେ ବିନ୍ସ ମିଳୁ ନ ଥିବାବେଳେ ଝୁଡ଼ଙ୍ଗ କିଲୋ ୧୨୦ ଟଙ୍କା, କ୍ୟାପ୍ସିକମ୍ କିଲୋ ୧୫୦ ଟଙ୍କା, ଫୁଲକୋବି ଗୋଟା ୫୦ରୁ ୬୦ଟଙ୍କା, ବାଇଗଣ କିଲୋ ୫୦ ଟଙ୍କା, ପୋଟଳ କିଲୋ ୭୦ରୁ ୮୦ ଟଙ୍କା, ବିଲାତି କିଲୋ ୬୦ରୁ ୭୦ ଟଙ୍କା, ଭେଣ୍ଡି କିଲୋ ୭୦ ଟଙ୍କା, ଆଳୁ କିଲୋ ୩୦ରୁ ୩୫ ଟଙ୍କା, ପିଆଜ ୪୦ରୁ ୪୫ ଟଙ୍କା ଦର ରହିଛି। ଏଣେ କଞ୍ଚା କଦଳୀ ଗୋଟାକୁ ୨୦ଟଙ୍କା ଦାମ୍ ରହିଛି। ଏନେଇ ପରିବା ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଓଡ଼ିଶାରେ ପରିବା ଚାଷ କମୁଛି। ବେଙ୍ଗାଲୁରୁ, ଆନ୍ଧ୍ର, କଲିକତା, ନାସିକରୁ ଓଡ଼ିଶା ପରିବା ଆମଦାନୀ କରୁଛି। ତେଣୁ ପରିବା ଦର ବୃଦ୍ଧି ହୋଇଛି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ନିକଟସ୍ଥ ବେଗୁନିଆବସ୍ତ, ଓସ୍ତପୁର ସ୍ଥାନୀୟ ଚାଷୀଙ୍କଠାରୁ ପରିବା ଆସୁନାହିଁ। ସାଧାରଣତଃ ଏହି ୨ ଗାଁ କୁଜଙ୍ଗ, ଅସ୍ତରଙ୍ଗ, ନୟାହାଟ ଆଦି ଅଞ୍ଚଳକୁ କିଛି ପରିମାଣରେ ପରିବା ଯୋଗାଇଥାନ୍ତି। ତେଣୁ ରବି ଋତୁରୁ ହୋଇଥିବା ପରିବା ଚାଷ ଶେଷ ହୋଇଯାଇଛି। ଫଳରେ ଅମଳ ପୂରା ନାହିଁ କହିଲେ ଭୁଲ ହେବ ନାହିଁ। ଗ୍ରାମାଞ୍ଚଳରେ ଚାଷ ହୋଇଥିବା ପରିବା ଅମଳ ହେବାକୁ ଆହୁରି ମାସକରୁ ଅଧିକ ସମୟ ଲାଗିବ। ତେଣୁ ସବୁ ପରିବା ବାହାରୁ ଆମଦାନୀ ହେଉଛି। ସେତେବେଳେ ସ୍ଥାନୀୟ ପରିବା ଉପଲବ୍ଧ ଥିବାରୁ ବାହାର ପରିବାର ଚାହିଦା କମ୍ ଥିଲା। ତେଣୁ ଦର ସ୍ୱାଭାବିକ ଥିଲା। କିନ୍ତୁ ଏବେ ସ୍ଥାନୀୟ ଚାଷୀଙ୍କ ହାତ ଖାଲି ହୋଇଯାଇଥିବାରୁ ବାହାର ପରିବା ଚାହିଦା ବଢ଼ିଛି ଏବଂ ସ୍ୱାଭାବିକ ଭାବେ ବଜାରରେ ଚାହିଦା ବୃଦ୍ଧି ଦରବୃଦ୍ଧିକୁ ଡାକି ଆଣିଛି। ଆଗକୁ ରଜ ପର୍ବ ଆସୁଥିବାରୁ ଅହେତୁକ ପରିବା ଦର ବୃଦ୍ଧି ଗ୍ରାହକଙ୍କୁ ବାଧୁଛି।



## ଓଭରଟେକ୍‌ରୁ ଦୁର୍ଘଟଣା

# ମୋହନ ମାଝିଙ୍କ ପିଏ ମୃତ



ଦୁର୍ଘଟଣାରେ ଚୁର୍‌ମାର ହୋଇଯାଇଥିବା ଦୁଇ ବାଇକ୍।



ଚନ୍ଦନ ମହାପାତ୍ର

**ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ୟୁନିଟ-୮ ଡେଲଟା ବ୍ରହ୍ମାକୁମାରୀ ଆଶ୍ରମ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଦୁଇ କାର୍ ମଝିରେ ଏକ ବାଇକ ଚାପି ହୋଇଯିବାରୁ ଚାଳକଙ୍କ ଡାହାଣ ଗୋଡ ଛିଣ୍ଡିଯିବା ସହ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପାତ୍ରପଡା ଫୁଲେଶ୍ୱରୀ ବସ୍ତିର ଚନ୍ଦନ ମହାପାତ୍ର (୩୧)। ସେ ଓଡିଶାର ଭାବି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପିଏ ବୋଲି ଜଣାପଡିଛି। ଦୁର୍ଘଟଣାରେ

### ୨ କାର୍ ମଝିରେ ଚାପିହୋଇ ବାଇକ୍ ଚୁର୍‌ମାର

ଦୁଇଟି କାର୍ ଓ ଦୁଇଟି ବାଇକ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟଜଣେ ବାଇକ ଚାଳକ ଓ ଦୁଇ କାର୍‌ରେ ଥିବା ୪ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ୪ ଗାଡିକୁ ପୋଲିସ ଜବତ କରିଛି। ତେବେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ମୃତକଙ୍କ ବଡଭାଇ ରାଜକୁମାର ମହାପାତ୍ର ନୟାପଲ୍ଲୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହାକୁ ଭିତ୍ତିକରି ଏକ ମାମଲା (ନଂ.୩୪୫/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ଚନ୍ଦନ ଦିନ ପ୍ରାୟ ୧୧ଟା ବେଳେ ମୋହନ ମାଝିଙ୍କ ଅଫିସକୁ ଯାଉଥିଲେ। ଚନ୍ଦନ ତାଙ୍କ ବାଇକ ଯୋଗେ ଗୋପବନ୍ଧୁ ଛକରୁ ଜଳେଶ୍ୱର ମନ୍ଦିର ଆଡକୁ ଦ୍ରୁତଗତିରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଚନ୍ଦନ ଏକ କାର୍‌କୁ ଓଭର ଟେକ୍ କରିବାବେଳେ ସାମ୍ନାରୁ ଆଉଏକ କାର୍ ଓ ବାଇକ ଆସୁଥିଲା। ସେହି ସମୟରେ ଦୁଇଟି କାର୍ ମଝିରେ ଚନ୍ଦନଙ୍କ ବାଇକ ପଶିଯାଇଥିଲା। ସେହିପରି ଆଉଏକ ବାଇକ ମଧ୍ୟ କାର୍ ସହ ଧକ୍କା ହୋଇଥିଲା। ଏଥିରେ ଚନ୍ଦନଙ୍କ ଏକ ଗୋଡ଼ ଛିଣ୍ଡିଯାଇଥିବାବେଳେ ତାଙ୍କ ବାଇକ୍ ଚୂର୍‌ମାର ହୋଇଯାଇଥିଲା। ରାସ୍ତାରେ ଚନ୍ଦନ ମୁମୂର୍ଷୁ ଅବସ୍ଥାରେ ପଡି ରହିଥିବାବେଳେ କିଛିଦୂରରେ ଭିନ୍ନ ଭିନ୍ନ ସ୍ଥାନରେ ପଡିଥିବା ତାଙ୍କ ପାଦ ଓ ଜୋତା ଦୁର୍ଘଟଣା କେତେ ଭୟଙ୍କର ଥିଲା ତାହା ଜଣାପଡୁଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଭାବି ମୁଖ୍ୟମନ୍ତ୍ରୀ ମୋହନ ମାଝି କ୍ୟାପିଟାଲ ହସ୍ପିଟାଲ ଯାଇ ଚନ୍ଦନଙ୍କ ଶେଷ ଦର୍ଶନ କରିଥିଲେ। ମୃତ ଚନ୍ଦନଙ୍କ ଦୁଇବର୍ଷ ତଳେ ବିବାହ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଅଛି। ସେ ଗତ ୭ରୁ ୮ ବର୍ଷ ମୋହନଙ୍କ ପାଖରେ କାମ କରୁଥିଲେ।

## ୧୫ ଲକ୍ଷ ଠକେଇ: ସୁଶ୍ରୀ ହୋମ୍ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ):** ପ୍ଲଟ୍ ଦେବା ଆଳରେ ୧୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଜଣେ ବିଲ୍ଡରଙ୍କୁ ଖାରବେଳନଗର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସୁଶ୍ରୀ ହୋମ୍ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ମଞ୍ଜୁରିଗଡିଆରେ ଶିବବ୍ରତ ଦାସ (୪୪)। କୋର୍ଟଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବଡ଼ଗଡ ଥାନା ଅଞ୍ଚଳରେ ରହୁଥିବା ଅଭିଯୋଗକାରିଣୀ ଲିନାରାଣୀ ସ୍ୱାଇଁ ତାଙ୍କର ଜଣେ ପଡୋଶୀଙ୍କ ଦ୍ୱାରା ସୁଶ୍ରୀ ହୋମ୍ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଶିବବ୍ରତଙ୍କ ସହ ଯୋଗାଯୋଗରେ ଆସିଥିଲେ। ଶିବବ୍ରତ ତାଙ୍କୁ ଏକ ପ୍ଲଟ୍ ଦେବେ ବୋଲି କହିଥିଲେ। ପରେ ଲିନାରାଣୀ ବାଙ୍କୁଆଳ ମୌଜାରେ ୧୫୦୦ ବର୍ଗଫୁଟର ଏକ ପ୍ଲଟ୍ ନେବା ପାଇଁ ୨୪ ଲକ୍ଷ ୫୦ ହଜାର ଟଙ୍କାରେ କଥା ଛିଡିଥିଲା। ଶିବବ୍ରତଙ୍କୁ ଲିନାରାଣୀ ଏଥିପାଇଁ ୨୦୨୨ ଫେବୃଆରୀରେ ଆର୍‌ଟିଜିଏସ୍ ମାଧ୍ୟମରେ ୧୦ ଲକ୍ଷ ଟଙ୍କା ଦେଇଥିଲେ। ସେହି ବର୍ଷ ଜୁଲାଇରେ ଆଉ ୮ ଲକ୍ଷ ଟଙ୍କାର ଏକ ଚେକ୍ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପରେ ଉକ୍ତ ପ୍ଲଟ୍ ଆଉ ଜଣଙ୍କ ନାଁରେ ପଞ୍ଜୀକୃତ ହୋଇଥିବା ଲିନାରାଣୀ ଜାଣିବାକୁ ପାଇଥିଲେ। ଟଙ୍କା ଫେରାଇବାକୁ କହିବାରୁ, ଲିନାରାଣୀଙ୍କୁ ଅଭିଯୁକ୍ତ ଶିବବ୍ରତ ଦୁଇଟି କିସ୍ତିରେ ମୋଟ ୩ ଲକ୍ଷ ଫେରାଇ ଥିବାବେଳେ ବାକି ଟଙ୍କା ଦେଇନଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଗତ ଫେବୃଆରୀ ୩ରେ ଏକ ମାମଲା (ନଂ.୧୨୨./୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଶିବବ୍ରତଙ୍କ ନାମରେ ବଡଗଡ ଥାନାରେ ମଧ୍ୟ ଅନ୍ୟ ଏକ ଠକେଇ ମାମଲା ରହିଥିବା ଜଣାପଡିଛି।

## ସେବା ପ୍ରତିନିଧି ପକ୍ଷରୁ ଧାରଣା

**ପୁରୁଣା ଭୁବନେଶ୍ୱର, ୧୧।୬ (ସୁବାସ ଚନ୍ଦ୍ର ପ୍ରଧାନ):** ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ କପିଳେନ୍ଦ୍ର ଦେବଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ସମ୍ପର୍କ ରହିଛି। ୨୦୧୫ ମସିହା ଅଁଳା ନବମୀ ପରଠାରୁ ଖୁଣ୍ଟିଆ ଏବଂ ମଳିଆ ଦୁଇ ସେବାୟତଙ୍କ ମଧ୍ୟରେ ବିଭ୍ରାଟ ଯୋଗୁ ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିରହିଛି। ସେହିପରି ଶୀତଳ ଷଷ୍ଠୀରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟରେ ପ୍ରଭୁ କପିଳେଶ୍ୱର ଦେବ ଉପସ୍ଥିତ ନ ହେବା ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ପରମ୍ପରାକୁ ବଜାୟ ରଖିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଧାରଣା ଦିଆଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଚଳିତ ବର୍ଷ ପୁଣି ସେବା ପ୍ରତିନିଧି ପକ୍ଷରୁ ଦେବୋତ୍ତର କମିଶନର କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣଭାବେ ଧାରଣା ଦିଆଯାଇଥିଲା। ଏନେଇ ବଡ଼ଗଡ଼ ପୋଲିସ ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦିଲ୍ଲୀପ ସାହୁ, ନୀଳମଣି ମିଶ୍ର, ରାଜକିଶୋର ଖୁଣ୍ଟିଆ, ସରୋଜ ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ହୃଷିକେଶ ବେହେରା, ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଡା. ଶଙ୍କର ରାମଚନ୍ଦାନୀଙ୍କୁ 'ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ସ୍ମୃତି ସମ୍ମାନ'

**ଭୁବନେଶ୍ୱର, ୧୧।୬ (ବନ୍ଦନା ସେଠୀ):** ସାମାଜିକ କର୍ମୀ ତଥା ପରିବେଶବିତ୍ ପ୍ରଫେସର ରାଧାମୋହନଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଅବସରରେ ପଦ୍ମଶ୍ରୀ ରାଧାମୋହନ ସ୍ମୃତି କାର୍ଯ୍ୟକ୍ରମ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ତାମିଲନାଡୁ ଯୋଜନା ବୋର୍ଡର ସଭ୍ୟ ତଥା ପରିବେଶବିତ ଡ. ସୁଲତାନ ଅହମ୍ମଦ ଇସ୍‌ମାଇଲ ଯୋଗଦେଇ ସୃଷ୍ଟି ବଞ୍ଚିରହିବାକୁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଜଣାଇଥିଲେ। ଏହି ଅବସରରେ ଡା. ଶଙ୍କର ରାମଚନ୍ଦାନୀଙ୍କୁ ତାଙ୍କ ସେବା ପାଇଁ 'ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ଯୋଗଦେଇଥିଲେ। ସମଦୃଷ୍ଟିର ମୁଖ୍ୟ ସମ୍ପାଦକ ସୁଧୀର ପଟ୍ଟନାୟକ ପ୍ରଫେସର ରାଧାମୋହନଙ୍କ ଦ୍ୱାରା ଲିଖିତ 'କିଏ କହିବ କଣ ହେବ' ପୁସ୍ତକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ସାବରମତୀ, ଡ. ବିଶ୍ୱଭାରତୀ, ଅମରାବତୀ ଏବଂ ଡା. ଶ୍ରଦ୍ଧା ଶତପର୍ବା ପରିଚାଳନା କରିଥିଲେ। ଡ. ମହମ୍ମଦ ଇମ୍ରାନ ଅଲି ଧନ୍ୟବାଦ ଅର୍ପଣ କରିଛନ୍ତି।

# ସ୍ୱମନ୍ଦିର ଫେରିଲେ ଦେବଦମ୍ପତି



ପ୍ରଭୁ ଶ୍ରୀଲିଙ୍ଗରାଜ ଓ ମା' ପାର୍ବତୀ ସ୍ୱମନ୍ଦିର ବିଜେ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର,୧୧।୬ (ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଭୁ ଶ୍ରୀଲିଙ୍ଗରାଜ ଓ ମା'ପାର୍ବତୀ ଦେବଦମ୍ପତିଙ୍କ ବିବାହ ସୋମବାର ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ସମ୍ପନ୍ନ ହୋଇଥିଲା। ଏହା ପରେ ଦେବଦମ୍ପତି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମଙ୍ଗଳବାର ରାତିରେ ଦେବଦମ୍ପତି ଶୋଭାଯାତ୍ରାରେ ସ୍ୱମନ୍ଦିର ଫେରିଥିଲେ। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ କେଦାରଗୌରୀ ମନ୍ଦିରରେ ସକାଳଧୂପ ନୀତି କରାଯାଇ ଆଳତି କରାଯାଇଥିଲା। ସେହିପରି ଠାକୁରାଣୀ ଦ୍ୱିପ୍ରହର ଧୂପ ସରିବା ପରେ କେଦାରଗୌରୀ ମନ୍ଦିରରେ ଶ୍ରୀଜୀଉଙ୍କ ନିକଟରେ ଦ୍ୱିପ୍ରହର ଧୂପ କରାଯାଇଥିଲା। ଶ୍ରୀଲିଙ୍ଗରାଜ ମନ୍ଦିରରେ ଠାକୁରାଣୀ ସନ୍ଧ୍ୟାଧୂପ ସରିବା ପରେ କେଦାରଗୌରୀ ମନ୍ଦିରରେ ସନ୍ଧ୍ୟାଧୂପ କରାଯାଇ କେଦାରେଶ୍ୱରଙ୍କ ନିକଟରେ ଶ୍ରୀଲିଙ୍ଗରାଜ ଓ ମା'ପାର୍ବତୀଙ୍କ ସହ ଭେଟ ଆଳତି କରାଯାଇଥିଲା। ଏହାପରେ ଶ୍ରୀଜୀଉମାନେ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିରାଜମାନ କରିଥିଲେ। ବିମାନ, ପାଲିଙ୍କିରେ ଶ୍ରୀଜୀଉମାନଙ୍କର ଡୋରି ଲାଗି ସରିବା ପରେ ପତ୍ରୀ ସେବକ ଏକ ବଟାରେ ହଳଦୀ ପାଣି କରି ପୂଜାପଣ୍ଡା ନିକଟକୁ ଆଣିଥିଲେ। ପୂଜାପଣ୍ଡା ଉକ୍ତ ହଳଦୀ ପାଣିକୁ ସଂସ୍କାର କରିସାରି ଶ୍ରୀଜୀଉଙ୍କ ଉପରେ ସିଞ୍ଚନ କରିଥିଲେ। ତତ୍‌ପରେ ଶ୍ରଦ୍ଧାଳୁଙ୍କ ଉପରେ ଉକ୍ତ ହଳଦୀ ପାଣିକୁ ମଧ୍ୟ ସିଞ୍ଚନ କରାଯାଇଥିଲା। ଧରାପୃଷ୍ଠକୁ ଶୀତଳତା ଆଣିବା ଉଦ୍ଦେଶ୍ୟରେ ଶ୍ରୀଜୀଉଙ୍କ ଉପରେ ଏହି ହଳଦୀ ପାଣି ସିଞ୍ଚନ କରାଯାଇଥାଏ। ପାଳିଆ ବଡୁ ମଣୋଇ ସାରିବା ମାତ୍ରେ ବିଜେ କାହାଳି ବାଜିଥିଲା। ଏହି ଅବସରରେ ଶ୍ରୀଲିଙ୍ଗରାଜ ଶ୍ୱଶୁରାଳୟରୁ ଯୌତୁକ ଭାବେ ପାଇଥିବା ଇନ୍ଦ୍ରହସ୍ତୀଙ୍କୁ ସଙ୍ଗରେ ଧରି ଶୋଭାଯାତ୍ରାରେ ସ୍ୱମନ୍ଦିରକୁ ବାହାରିଥିଲେ। ବାଟରେ ବ୍ରାହ୍ମଣ, ପୂଜାପଣ୍ଡା ନିଯୋଗ, ବାଟକୂଅମୂଳ ବଡୁସାହି, ପଥୁରିଆ ବଡୁସାହିଠାରେ ଭୋଗ ଖାଇ ଦେବଦମ୍ପତି ମନ୍ଦିର ଫେରିଥିଲେ।

### ମଙ୍ଗଳ ଆଳତି ନ ହୋଇ ଠାକୁର ଦର୍ଶନ

କେଦାରଗୌରୀ ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ନ ସରିବା ପର୍ଯ୍ୟନ୍ତ ଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତି କରାଯାଇ ନ ଥାଏ। ମଙ୍ଗଳବାର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। କେଦାରଗୌରୀ ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇ ନ ଥିବା ବେଳେ କେତେଜଣ ପାଳିଆ ବଡୁ ସେବକ ଆଡ଼ କାଠ ମାରି ଭକ୍ତଙ୍କୁ ଦର୍ଶନ କରାଇଥିଲେ ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ତେବେ ପୂର୍ବାହ୍ନ ୧୦ଟା ୩୫ରେ ଶ୍ରୀଜୀଉଙ୍କୁ ପୂଜା ପଣ୍ଡା ସେବାୟତ ମାଘସ୍ନାନ ଦେଇ ମଙ୍ଗଳ ଆଳତି କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି କରାଯାଇଥିଲା।

## ଓସେନ୍ ୱାର୍ଲଡ ୱାଟର ପାର୍କ ପକ୍ଷରୁ ରଜ କାର୍ନିଭାଲ

**ଭୁବନେଶ୍ୱର,୧୧।୬: (ଅଭୟ ଦାଶ)**

ଓସେନ୍ ୱାର୍ଲଡ ୱାଟର ପାର୍କ ଏବଂ ସ୍ୱସ୍ତିକ ଇଭେଣ୍ଟର ମିଳିତ ସହଯୋଗରେ ଏକ ୩ ଦିନିଆ ମହୋତ୍ସବ 'ରଜ କାର୍ନିଭାଲ' ଫୁଲନଖରା ନିକଟସ୍ଥ କୁରାଙ୍ଗ ଶାସନ ଓସେନ୍ ୱାର୍ଲଡ ୱାଟର ପାର୍କ ପରିସରରେ ଆୟୋଜନ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ୍ ୧୪, ୧୫ ଓ ୧୬ ପୂର୍ବାହ୍ନ ୧୦ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରର ଶୀତଲ ହୋଟେଲରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ସ୍ୱସ୍ତିକ ଇଭେଣ୍ଟର ଏମ୍‌ଡି ସୋନମ ମହାପାତ୍ରଙ୍କ ସମେତ ଓସେନ୍ ୱାର୍ଲଡ ୱାଟର ପାର୍କର ସଦସ୍ୟ ଏସ୍. ରବିକୁମାର ଏବଂ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ଆଭିମୁଖ୍ୟ ଓ ଆବଶ୍ୟକ ସୂଚନା ଏବଂ ସର୍ତ୍ତାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ଏହି ମହୋତ୍ସବରେ ସାମିଲହେବା ପାଇଁ ଟିକେଟର ବ୍ୟବସ୍ଥା କରାଯାଇଛି। ଏପରିକି ପ୍ରତି ଟିକେଟର ମୂଲ୍ୟ ୭୯୯ ଟଙ୍କା ରହିଥିଲାବେଳେ ୫ ବର୍ଷରୁ ଅଧିକ ସବୁ ବର୍ଗର ବୟସ ପାଇଁ ଟିକେଟ ପ୍ରଯୁଜ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ସେହିପରି ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଡିଜେ ଏବଂ ଅନ୍ୟାନ୍ୟ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏପରିକି ଓଲିଉଡ୍ ଓ ବଲିଉଡ୍ ଅଭିନେତା ଓ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେଉଛି ବୋଲି ପାର୍କ ମ୍ୟାନେଜର ଦୀପକ ଦାସ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।



## ନୂଆଦିଲ୍ଲୀରେ ଶୀତଳଷଷ୍ଠୀ



ନୂଆଦିଲ୍ଲୀ ତ୍ୟାଗରାଜ ନଗରସ୍ଥିତ ଶିବ ମନ୍ଦିରରେ ଶୀତଳଷଷ୍ଠୀ ଉତ୍ସବ।

**ଭୁବନେଶ୍ୱର, ୧୧।୬ (ବନ୍ଦନା ସେଠୀ)**

ନୂଆଦିଲ୍ଲୀର ଓଡ଼ିଆ ଅନୁଷ୍ଠାନ ଦିଲ୍ଲୀ ଶିବ ପରିବାର ପକ୍ଷରୁ ତ୍ୟାଗରାଜ ନଗର ଶିବ ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ତଥା ଶୀତଳ ଷଷ୍ଠୀ ମହା ସମାରୋହରେ ପାଳିତ ହୋଇଯାଇଛି। ୯ମ ଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା' ପାର୍ବତୀଙ୍କ ମାତାପିତା ଭାବେ ପ୍ରକାଶ କୁମାର ଷଡ଼ଙ୍ଗୀ ଏବଂ ଶୌଭାଗିନୀ ଆଚାର୍ଯ୍ୟ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ମହାଦେବଙ୍କ ମାତାପିତା ଭାବେ ରତନଲାଲ୍ ଅଗ୍ରୱାଲ ଏବଂ ସନ୍ତୋଷ ଦେବୀ ଅଗ୍ରୱାଲ ବୈଦିକ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ଉତ୍ସବରେ ସନ୍ଥ ସତ୍ୟାନନ୍ଦ ଦାସ ମହାରାଜ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଅନୁଗାମୀ ନିର୍ମଳ ଧଳ, ଏ.କେ. ପଣ୍ଡା, ସୁଶାନ୍ତ ସାହୁ, ସନ୍ଦୀପ ମହାପାତ୍ର ଏବଂ ନିଖିଳ ଅଗ୍ରୱାଲଙ୍କ ସମେତ ପ୍ରାୟ ୩ହଜାର ଲୋକଙ୍କ ସମାଗମ ହୋଇଥିଲା।

## ବୃଦ୍ଧାଶ୍ରମରେ ମାଗଣା ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର, ୧୧।୬ (ବନ୍ଦନା ସେଠୀ)**

ପାଣ୍ଡରାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ୱାସରୋଗ ବିଶେଷଜ୍ଞ ଡାକ୍ତର ପ୍ରଜ୍ଞାଶ୍ରୀ ପ୍ରିୟଦର୍ଶିନୀ ଉପସ୍ଥିତ ରହି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ କିପରି କଫ, କାଶ, ଆଲର୍ଜି ଆଦି ଶ୍ୱାସ ରୋଗରୁ ରକ୍ଷାପାଇ ପାରିବେ ସେ ସମ୍ପର୍କରେ କେତେକ ପରାମର୍ଶ ଦେଇଥିଲେ। ଏଥିସହ ଡାକ୍ତର ପ୍ରିୟଦର୍ଶିନୀ ସେଠାରେ ରହୁଥିବା ବୃଦ୍ଧାବୃଦ୍ଧଙ୍କୁ ଚିକିତ୍ସା କରି ମ୍ୟାନକାଇଣ୍ଡ ତରଫରୁ ମିଳିଥିବା ସାମ୍ପଲ ମେଡ଼ିସିନ ପ୍ରଦାନ କରିଛନ୍ତି ଏବଂ ସେମାନଙ୍କ ଆରୋଗ୍ୟ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବୃଦ୍ଧାଶ୍ରମର ମାଲିକ ଲିଲୁ ଖୁଣ୍ଟିଆ ଡାକ୍ତରଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ।

## ଶିବ ବିବାହ, ଶୀତଳଷଷ୍ଠୀ

**ବାରଙ୍ଗ,୧୧।୬ (ଲିଙ୍ଗରାଜ ରାଉତ):** ଶୀତଳଷଷ୍ଠୀରେ ପଟିଆଗଡ଼ର ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିବାହ ଉତ୍ସବରେ କନ୍ୟାପିତା ଭାବେ ପ୍ରେମାନନ୍ଦ ଜେନା, ବରପିତା ଭାବେ ରବୀନ୍ଦ୍ର ପାତ୍ର ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଯଜ୍ଞକର୍ତ୍ତା ଭାବେ ପ୍ରକାଶ ଜେନା ରହିଥିଲେ। ୩ ଦିନ ଧରି ଚାଲିଥିବା ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଦାରୁଠେଙ୍ଗ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ବିଜେସ୍ଥଳୀରେ ଚନ୍ଦ୍ରଶେଖରଙ୍କ ସହିତ ମା' ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଛି। କନ୍ୟାପିତା ନରୋତ୍ତମ ପହଡ଼ାସିଂହ ଓ ବରପିତା ଅମୂଲ୍ୟ ପାଣ୍ଡିଆ ଶୁଭକାର୍ଯ୍ୟ ସମାପନ କରିଥିଲେ।

## ପଙ୍କଜଚରଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୧।୬ (ବନ୍ଦନା ସେଠୀ)**

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ଓ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ମଙ୍ଗଳବାର 'ଶ୍ରଦ୍ଧାଞ୍ଜଳି' ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୧ତମ ପୁଣ୍ୟତିଥି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ଅଧ୍ୟକ୍ଷ ବଟକୃଷ୍ଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଗୁରୁ କେଶବ ଚରଣ ରାଉତ, ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ଗୁରୁ ସଚ୍ଚିଦାନନ୍ଦ ଦାଶଙ୍କ ସହ ଆଦିଗୁରୁଙ୍କୁ ପୁତ୍ର ତଥା ନୃତ୍ୟଗୁରୁ ଶରତ ଚନ୍ଦ୍ର ଦାସ ଓ ନୃତ୍ୟଗୁରୁ ସୁହାଗ ନଳିନୀ ଦାସ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନୃତ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବପ୍ରତିଭା ଗାୟତ୍ରୀ ରଣବୀରଙ୍କୁ 'ଓଡିଶୀ ନୃତ୍ୟରତ୍ନ ସମ୍ମାନ' ଓ ଚନ୍ଦ୍ରକାନ୍ତ ସୂତାରଙ୍କୁ 'ଓଡିଶୀ ଯୁଗ ଗନ୍ଧର୍ବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ଉପସ୍ଥାପନାରେ ଆଦିଗୁରୁଙ୍କୁ ସ୍ମରଣ କରି ଶିଳ୍ପୀ ଗାୟତ୍ରୀ ରଣବୀର ମଙ୍ଗଳା ଚରଣ, ସୁଦ୍ଧଦେଶୀ ପଲ୍ଲୀ ଓ ଅଭିନୟ 'ବଡ଼ ଆଚମ୍ବିତ' ପରିବେଷଣ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତିରେ ଶିଳ୍ପୀ ଚନ୍ଦ୍ରକାନ୍ତ ସୂତାର 'ନଟରାଜ ତନୁଜ' ଉପସ୍ଥାପନା କରିଥିଲେ। ଗୁରୁ ସୁହାଗ ନଳିନୀ ଦାସଙ୍କ

### ସମ୍ମାନିତ ହେଲେ ଗାୟତ୍ରୀ ରଣବୀର, ଚନ୍ଦ୍ରକାନ୍ତ ସୂତାର

ନୃତ୍ୟାନୁଷ୍ଠାନ ସମ୍ପ୍ରଦାୟର ଶିଳ୍ପୀଗଣ ସ୍ଥାୟୀ ନୃତ୍ୟ ସହ ଝୁଲଣ ଆଧାରିତ 'ଝୁଲଣ କୁଞ୍ଜ' ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଗୁରୁ ନିରଞ୍ଜନ ରାଉତଙ୍କ ଅନୁଷ୍ଠାନ ନୂପୁରର ଶିଳ୍ପୀଗଣ 'ଓଡିଶା ଆମର ଜନ୍ମଭୂମି'କୁ ନିଖୁଣ ଭାବେ ମଞ୍ଚସ୍ଥ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।



ନୃତ୍ୟଶାଳା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନୃତ୍ୟଉତ୍ସବ 'ମାର୍ଗି'ରେ ଶିଳ୍ପୀ ସିକତା ଦାସ ନୃତ୍ୟ ପରିବେଷଣ କରୁଛନ୍ତି।

## ଡେଙ୍ଗୁ ସଚେତନତା ଜୋର୍‌ଦାର ହେବ

**ଭୁବନେଶ୍ୱର, ୧୧।୬ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଛି ବିଏମ୍‌ସି। ଏହି କ୍ରମରେ ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ତୃଣମୂଳ କର୍ମୀଙ୍କ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଘରେଘରେ ଡେଙ୍ଗୁ ସମ୍ପର୍କରେ ସଚେତନ କରାଇବା ସହ ଲୋକମାନେ ଯେପରି ଡେଙ୍ଗୁ ପ୍ରତିରୋଧି ଉପାୟ ମାନି ଚଳିବେ ସେଥିପାଇଁ ପ୍ରାୟ ୮୦୦ କର୍ମୀଙ୍କୁ ପ୍ରସ୍ତୁତ କରାଯାଇଛି। ସହରର ପ୍ରତ୍ୟେକ ୱାର୍ଡରେ ଥିବା ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱଚ୍ଛସାଥୀଙ୍କୁ ନେଇ ଗୋଷ୍ଠୀ ସଂଯୋଗ ରଣନୀତି କରାଯାଇଛି। ଏଥିପାଇଁ ୩ଟି ପ୍ରଶିକ୍ଷଣ ଶିବିରର ଆୟୋଜନ କରି ସମସ୍ତ ଜୋନ୍‌ର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱଚ୍ଛସାଥୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଭୁବନେଶ୍ୱରର ବିବିଧ ଅଞ୍ଚଳକୁ ନେଇ ସମୁଦାୟ ୧୩ହଜାର ଲେନ୍‌ରେ ବିଭକ୍ତ କରାଯାଇଛି। ଏଥିପାଇଁ ବିଏମ୍‌ସି ତରଫରୁ ସଫା ଆପ୍‌ର ପ୍ରୟୋଗ

### ନିୟୋଜିତ ହେବେ ୮ଶହ କର୍ମୀ, ୧୮ରୁ ସର୍ଭେ

କରି କର୍ମୀମାନେ ସମ୍ବେଦନଶୀଳ ଘରକୁଯାଇ ରୋଗ ନୀରିକ୍ଷଣ ସର୍ଭେ କରିବେ। ସମୁଦାୟ ୪ଟି ପର୍ଯ୍ୟାୟରେ ଏହି ସର୍ଭେ କରାଯିବ। ପ୍ରତ୍ୟେକ କର୍ମୀ ୩୫୦ରୁ ୪୦୦ ଘରର ସର୍ଭେ କରିବେ। ଘର ଚାରିପାଖ, ଘର ଭିତର, ଘର ଉପର ଇତ୍ୟାଦିକୁ ନିରୀକ୍ଷଣ କରିବା ସହ ସେଠାରେ ବିଭିନ୍ନ ପ୍ରକାରର ପାଣି ଜମିବା ସ୍ଥାନ/ପାତ୍ର, ଟାୟାର ଇତ୍ୟାଦି ଅଛି ନା ନାହିଁ ତଦାରଖ କରିବେ ଏବଂ ସେଠାରେ ରହିଥିବା ମଶା ଲାର୍ଭାକୁ ନଷ୍ଟ କରିବେ। ଜୁନ୍ ୧୮ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ସିଟି ହେଲ୍‌ଥ ସୋସାଇଟି ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଲିଫ୍‌ଲେଟ୍‌କୁ ନେଇ କର୍ମୀମାନେ ଘରକୁ ଘର ବୁଲିବେ ଏବଂ ଏହାର ଉପର ଭାଗରେ ଥିବା ସୂଚନା ଦେଇ ନିମ୍ନ ଭାଗରେ ପରିବାରର ସୂଚନା ଆଣିବେ। ସଂପୃକ୍ତ ପରିବାରର ଡେଙ୍ଗୁ ପ୍ରତିରୋଧୀ ଆଚରଣ ବୁଝିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମେୟର କହିଲେ, ନାଗରିକଙ୍କ ସହଯୋଗ ନେଇ ଡେଙ୍ଗୁ ଦମନ କରିବାକୁ ହେବ। ଲୋକଙ୍କୁ ବୁଝାଇବା ଏବଂ ବିଭିନ୍ନ ଅଞ୍ଚଳର ସାମାଜିକ ସଙ୍ଗଠନକୁ ନେଇ ଏହି ରଣନୀତିକୁ ସଫଳ କରିବାକୁ ପଡିବ। ଏଥିସହ ମଶାବଂଶ ବୃଦ୍ଧି ଚକ୍ରକୁ କିପରି ବନ୍ଦ କରିବା ତା' ଉପରେ ଧ୍ୟାନ ଦେବାକୁ ମେୟର ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱରରୁ ଡେଙ୍ଗୁ ହଟାଇବା ଏବଂ ନାଗରିକଙ୍କୁ ଏଥିରେ ସାମିଲ୍ କରି ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ କମିଶନର ରାଜେଶ ପ୍ରଭାକର ପାଟିଲ୍ ଆହ୍ୱାନ ଦେଇଥିଲେ। ବୈଠକରେ ଉତ୍ତର ଜୋନ୍ ଏବଂ ଦକ୍ଷିଣ ପୂର୍ବ ଜୋନ୍‌ର ୨ଟି ସ୍ୱତନ୍ତ୍ର ପ୍ରଶିକ୍ଷଣରେ ପ୍ରାୟ ୬୦୦ ଅଂଶଗ୍ରହଣକାରୀଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ବିରଞ୍ଚି ନାରାୟଣ ମହାସୁପକାର, ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ଅମରେଶ ଜେନା, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ଡେପୁଟି କମିଶନର ପରିମଳ ଡ. ମନୋରଞ୍ଜନ ସାହୁ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

**ଦେବଦମ୍ପତିଙ୍କ ବିବାହ ଉତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ପୀଠରେ ମଙ୍ଗଳବାର ସନ୍ଧ୍ୟାରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କନ୍ୟାପିତା ଭାବେ ବୀରେନ ଦାଶ ଓ ବରପିତା ଭାବେ କୃତ୍ତିବାସ ପଣ୍ଡା ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସକାଳେ ମା' ବୁଢ଼ିଆଣୀଙ୍କ ପୀଠରେ ଦିଅଁ ମଙ୍ଗୁଳା କାର୍ଯ୍ୟ ସରିବା ପରେ ବିବାହ ଆରମ୍ଭ ହୋଇଥିଲା। ପୂଜକ ଜନ୍ମେଜୟ ପତି, ବାମଦେବ ପଣ୍ଡା ଓ ପ୍ରମୋଦ ପତି ବିବାହରେ ପୂଜକ ଭାବେ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟରେ ସେବାୟତମାନେ ଯୋଗଦେଇ ନିଜର ଦାୟିତ୍ୱ ସମ୍ପନ୍ନ କରିଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ସାମଗ୍ରୀ ଜଳିଗଲା



ଚୌଦ୍ୱାର,୧୧।୬(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୯ ନମ୍ବର ୱାର୍ଡର ଉତ୍ତମ ଦାସଙ୍କ ଘରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ତାଙ୍କ ଘରେ ରୋଷେଇ ଚାଲିଥିବାବେଳେ ଗ୍ୟାସ୍‌ଟାଙ୍କିରୁ ହଠାତ୍ ପାଇପ୍ ବାହାରିଯିବାରୁ ନିଆଁ ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡରେ ଟିଭି, ଫ୍ରିଜ୍, ସୋଫାସେଟ୍ ସହିତ ଅନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଆର୍‌ଆଇ କ୍ଷୟକ୍ଷତିର ଆକଳନ କରି ଫେରିଯାଇଛନ୍ତି।

### ଶୀତଳେଶ୍ୱରୀ ପ୍ରକାଶନୀ ପକ୍ଷରୁ ନାଟକ ମଞ୍ଚସ୍ଥ

କଟକ,୧୧।୬ (କାର୍ତ୍ତିକ ସାହୁ)

ଶୀତଳେଶ୍ୱରୀ ପ୍ରକାଶନୀ ପକ୍ଷରୁ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓସ୍‌ମେ ହଲ୍‌ରେ କବିତା ପାଠ ଓ ଡକ୍ୟୁମେଣ୍ଟ ଖୋଜା ଚାଲିଛି ନାଟକ ମଙ୍ଗଳବାର ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳସଚିବ ନିରୁପମା ସ୍ୱାଇଁ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଆଦିକନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର ଉପସଭାପତି ଅରୁଣ କୁମାର ବିଶ୍ୱାଳ ଅଧକ୍ଷତା କରିଥିଲେ। ବନସ୍ମିତା ରାଉତରାୟ ଅତିଥିଙ୍କୁ ଆମନ୍ତ୍ରଣ, ବିଜୟ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଛବିରାମ ସେଠୀ ଓ ଗୀତାଞ୍ଜଳି ରାଉତଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମଞ୍ଚସ୍ଥ ନାଟକରେ ଆଦିକନ୍ଦ ରାଉତ, ପ୍ରମିଳା ପତି, ଇଂ. ସଂଗ୍ରାମ ନାୟକ, ସୁଶୀଲ ରାଉତ, ସୁରେନ୍ଦ୍ର ମହାପାତ୍ର, ଲକ୍ଷ୍ମୀପ୍ରିୟା ସେଠୀ ଓ ରବୀନ୍ଦ୍ର ବେହେରା ଅଭିନୟ କରିଥିଲେ। ପ୍ରମିଳା ପତି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସନ୍ଧ୍ୟା ଶତପଥୀ ଧନ୍ୟବାଦ ଦେଇଥିଲେ।

### ଶାଢ଼ି ବାବଦ ଟଙ୍କା ଉଠାଣ ପାଇଁ ବ୍ୟାଙ୍କରେ ଭିଡ଼

କଟକ ସଦର, ୧୧।୬ (ସୁଶାନ୍ତ କୁମାର ଜେନା)

ବିଜେଡି ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନୂଆ ଶାଢ଼ି କିଣିବା ପାଇଁ ଫେବୃଆରୀରେ ମୁଣ୍ଡ ପିଛା ୧ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଦେଇଥିଲେ। ହେଲେ ଏବେ ସରକାର ବଦଳିଯିବା ପରେ ଏହି ଟଙ୍କା ଉଠାଇବା ପାଇଁ ମଙ୍ଗଳବାର କଟକ ସଦର ବ୍ଲକ ଅଞ୍ଚଳର ସମସ୍ତ ରାଷ୍ଟ୍ରାୟତ୍ତ ଓ ଗ୍ରାମ୍ୟବ୍ୟାଙ୍କରେ ମହିଳାମାନଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଟଙ୍କା ଅଭାବ ଯୋଗୁ ଅନେକ ମହିଳା ଗୋଷ୍ଠୀର ସଦସ୍ୟାଙ୍କୁ ପରଦିନ ଆସିବା ପାଇଁ କହି ବ୍ୟାଙ୍କ କର୍ତ୍ତୃପକ୍ଷ ଫେରାଇ ଦେଇଥିଲେ। ସୂଚନା ଅନୁଯାୟୀ, ଶାଢ଼ି କିଣିବା ପାଇଁ ମହିଳାଙ୍କୁ ଅର୍ଥ ଉଠାଇବାର ସୁଯୋଗ ଦିଆଯାଉ ନ ଥିଲା। କାରଣ ଏକ ନିର୍ଦ୍ଦିଷ୍ଟ ଦୋକାନୀ ଶଙ୍ଖଚିହ୍ନ ଥିବା ଶାଢ଼ି ୫୦୦ ଟଙ୍କାରେ ଯୋଗାଇବ ବୋଲି ମହିଳାମାନଙ୍କୁ କୁହାଯାଇଥିଲା। ଶାଢ଼ି ପାଇବା ପରେ ଯାଇ ବ୍ୟାଙ୍କରୁ ଟଙ୍କା ଉଠାଇ ସେମାନେ ଦୋକାନୀଙ୍କ ନିକଟରେ ପଇଠ କରିବା ନିମନ୍ତେ କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ମୌଖିକ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାଚନ ସମୟରେ ସମ୍ପୃକ୍ତ ଦୋକାନୀ ଶାଢ଼ି ଯୋଗାଇ ପାରି ନ ଥିଲେ। ଶେଷରେ ସରକାର ବଦଳି ଯିବାପରେ ଟଙ୍କା ଉଠାଇବା ପାଇଁ ମଙ୍ଗଳବାର ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତତ୍ପରତା ଦେଖାଇଛନ୍ତି।

## ରଜ ପାଇଁ ପୁରପଲ୍ଲୀରେ ସଜବାଜ

# ଶୁଭୁନି ରଜଗୀତ, ଲାଗୁନି ପାରମ୍ପରିକ ଦୋଳି

**ନିଶ୍ଚିନ୍ତକୋଇଲି,୧୧।୬(ଅଶୋକ କୁମାର ମହାପାତ୍ର): ଓଡ଼ିଶାରେ ରଜ ପର୍ବ ଏକ ନିଆରା ଦୃଶ୍ୟପଟ ଆଣିଥାଏ। ଗାଁ ଗହଳିରେ ନଈ ପଠା, ଆମ୍ବତୋଟାରେ ଗହଳି ଲାଗିଥାଏ। କିନ୍ତୁ ଏବେ ନଈପଠା ଓ ଗାଁ ତୋଟାରେ ଗଛ ନ ଥିବାରୁ ଗାଁ ଲୋକେ ସହରୀ ଦୋଳିକୁ ଆଦରି ନେଉଛନ୍ତି। ପାଶ୍ଚତ୍ୟ ସଭ୍ୟତାକୁ ଅନୁକରଣ କରି କେତେକ ସ୍ଥାନରେ ମଧ୍ୟ ପୋଡପିଠା ଓ ରଜପାନର ମହକ ଉଭେଇ ଗଲାଣି। ଏବେ ସହରୀ ଖାନା ମୋମା ଓ ଚାଓମିନ ଗାଁରେ ପିଲାଙ୍କ ଆଦର ବଢାଇଛି। କିନ୍ତୁ ଗାଁରେ ପୂର୍ବ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ କିଛି ଅନୁଷ୍ଠାନ ଆଗେଇ ଆସିଛନ୍ତି।**



ନିଶ୍ଚିନ୍ତକୋଇଲି ଅଞ୍ଚଳର ଏକ ସ୍ଥାନରେ ଜଣେ ଯୁବତୀ ଦୋଳିର ମଜା ନେଉଛନ୍ତି।

### ହଜିଯାଉଥିବା ପରମ୍ପରା ରକ୍ଷା ପାଇଁ ଚାଲିଛି ପ୍ରୟାସ

ହଜିଯାଉଥିବା ଓଡ଼ିଆ ପରମ୍ପରା ରକ୍ଷା ପାଇଁ ୧୦ ବର୍ଷ ହେବ ରଜ ମହୋତ୍ସବ କରାଯାଉଛି। ଚଳିତ ବର୍ଷ ସିନେ ତାରକା ସହ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି।



ଗାଁର ପିଲାମାନେ ଏବେ ନୃତ୍ୟ ଶିଖୁଛନ୍ତି। ଆଖପାଖ ଗାଁର ପିଲାମାନଙ୍କ ପାଇଁ ନୃତ୍ୟଗୀତରେ ସାମିଲ ହେବା ପାଇଁ ମହୋତ୍ସବ ସୁଯୋଗ ଆଣିଦେଇଛି।

**ସଞ୍ଜିତ ଭୂୟାଁ, ସମ୍ପାଦକ**
**ଗୋପପୁର ରଜ ମହୋତ୍ସବ କମିଟି**

### ଗ୍ରାମାଞ୍ଚଳ ଲୋକେ ସହରାଭିମୁଖୀ ହେଉଛନ୍ତି

ରଜ ଗାଁର ଏକ ନିଆରା ପର୍ବ । ଗାଁରେ ରଜ ଦୋଳି ଓ ପିଠାପଣା ସହର ଲୋକଙ୍କୁ ଗାଁକୁ ଟାଣି ଆଣିଥାଏ। ସହରରେ ଚାକିରି କରିଥିବା ଲୋକେ ଆଗରୁ ରଜ ଉତ୍ସବ ମନାଇବା ପାଇଁ ଗାଁକୁ ଯାଉଥିଲେ।



ସେଠାରେ ପିଠା ପଣା କରି, ରଜ ଗୀତ ଗାଇ ଉତ୍ସବ ମନାଉଥିଲେ। ଏବେ ଗ୍ରାମାଞ୍ଚଳର ଲୋକେ ରଜରେ ସହରାଭିମୁଖୀ ହେଉଛନ୍ତି।

**କାଜଲ ରାଉତ, ଜିଗ୍ନିପୁର**

### ବଡ଼ଗଛ ନ ଥିବାରୁ ଦୋଳି ଲାଗି ପାରୁନି

ଗାଁରେ ରଜ ଦୋଳି ଖେଳିବା ମଜା ନିଆରା। ଏବେ ବଡ ବଡ ଗଛ ନ ଥିବାରୁ ଦୋଳି ଲଗାଇବା ପାଇଁ ସୁବିଧା ମିଳୁନି। ଆଗଭଳି ପିଠାପଣା ଦେଖିବାକୁ ମିଳୁନାହିଁ।



ରଜରେ ଆଗରୁ ଦୋଳି ଖେଳି ବୁଲାବୁଲି କରିବା ଏବଂ ରଜ ପାନ ଖାଇ ମଜା କରିବାକୁ ଭଲ ଲାଗେ। ଏବେ ସହରର ପାର୍କ ଓ ହୋଟେଲ ଆଦି ସ୍ଥାନରେ ଯେଭଳି ରଜ ମହୋତ୍ସବ ପାଳନ ହେଉଛି ସେଭଳି ସୁବିଧା ଗାଁରେ ମିଳିଲେ ରଜକୁ ଆହୁରି ଉପଭୋଗ କରିହୁଅନ୍ତା।

**ବୈଭବୀ ପ୍ରିୟଦର୍ଶିନୀ, ମୁରୁଦାବାଦ**

### ଚାଳଘର ରୁଅରେ ଲଗା ଦୋଳି ଦେଖିବାକୁ ମିଳୁନି

ପିଲାଦିନେ ଚାଳଘର ରୁଅରେ ବାପା ଯେଉଁ ଦୋଳି ଲଗାଉଥିଲେ ତାହା ଆଉ ଦେଖିବାକୁ ମିଳୁନାହିଁ। ସେକଥା ଭାରି ମନେପଡେ।



ଏବେ ଆଉ ଚାଳଘର ନାହିଁ। ପିଲାମାନେ ରୁଅ କ'ଣ ବୋଲି ଜାଣି ପାରୁନାହାନ୍ତି। ସେତେବେଳର ଦୋଳି ଏବେକାର ପ୍ଲାଷ୍ଟିକ ଦୋଳି ମଧ୍ୟରେ ଅନେକ ଫରକ ରହିଛି। ଏବେ ରଜ ପାଇଁ ସେମିତି କିଛି ପ୍ରସ୍ତୁତି ନାହିଁ। କ୍ୟାଲେଣ୍ଡର ଦେଖିଲେ ମନେପଡୁଛି।

**ସସ୍ମିତା ସାହୁ, ଗୃହିଣୀ**

### ପିଠାପଣା, ପାନରେ ସୀମିତ ହୋଇଯାଇଛି ରଜ

ରଜରେ ସାଙ୍ଗମାନଙ୍କ ସହିତ ଦୋଳି ଖେଳିବାକୁ ବହୁତ ଭଲ ଲାଗେ । ସେଭଳି ଆଉ ଦୋଳି ଦେଖିବାକୁ ମିଳୁନି। ରଜ କହିଲେ ଏବେ ଘରେ ବନ୍ଧୁବାନ୍ଧବଙ୍କ ସହ ପିଠାପଣା ଓ ରଜ ପାନରେ ସୀମିତ ହୋଇଯାଇଛି। ଆମ ବାପଘର ଗାଁରେ ଚକ୍ରି ଝୁଲଣି,ଶିଡି ଝୁଲଣି,ପଟା ଝୁଲଣି ଆଦି ବିଭିନ୍ନ ପ୍ରକାର ଝୁଲଣି ଲାଗେ। ହେଲେ ବିବାହ ପରେ ଶାଶୁଘର ଗାଁରେ ଝୁଲଣି ଖେଳିବା ସ୍ୱପ୍ନ। ଏହା ଛଡା ଏବେ



ସେଭଳି ଆମ୍ବ ତୋଟା, ନଈପଠାରେ ବଡ ବଡ ଗଛ ସବୁ ପ୍ରାୟତଃ କଟା ହୋଇଯାଉଛି। ଫଳରେ ଝୁଲଣି ଲାଗିବାର ସୁବିଧା ହେଉନି।

**ଅନ୍ନପୂର୍ଣ୍ଣା ଦାସ,ଜମରା**

### ପରମ୍ପରା ବଞ୍ଚିଲେ ଗ୍ରାମ୍ୟ ଜୀବନ ଶୃଙ୍ଖଳିତ, ଋଦ୍ଧିମନ୍ତ ହୁଏ

ରଜ ନାରୀମାନଙ୍କର ଏକ ସ୍ୱତନ୍ତ୍ର ପର୍ବ। ଏହି ପର୍ବରେ ମା'ବସୁମତିଙ୍କ ସମେତ ନାରୀଜାତିକୁ ସମ୍ମାନ ଦିଆଯାଇଥାଏ। ଗାଁ ଗହଳିର ପରମ୍ପରାରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏବେ ବି ଗାଁ ନଈପଠା ଓ ଆମ୍ବତୋଟା ଦେଖିଲେ ରଜର ବାସ୍ତବ ରୂପରେଖ ବାରି ହୋଇପଡେ। ପରମ୍ପରା କ୍ରମେ ବିଲୁପ୍ତ ହେବାକୁ



ବସିଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକର କିଛି ପଞ୍ଚାୟତରେ ରଜ ପର୍ବ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ପରମ୍ପରା ବଞ୍ଚିରହିଲେ ଗ୍ରାମ୍ୟ ଜୀବନ ଶୃଙ୍ଖଳିତ ଓ ଋଦ୍ଧିମନ୍ତ ହୋଇଥାଏ।

**ସବିତା ଓଝା, ପୂର୍ବତନ ଅଧକ୍ଷା,**
**ନିଶ୍ଚିନ୍ତକୋଇଲି ବ୍ଲକ**



ଶୀତଳଷଷ୍ଠୀ ଅବସରରେ କଟକ ଗଡ଼ଗଡ଼େଶ୍ୱର ମନ୍ଦିର ନିକଟରୁ ବାହାରିଥିବା ରୋଶଣୀ ଶୋଭାଯାତ୍ରା।

### ପୁରୀ ବାଣ ବିସ୍ଫୋରଣ ଘଟଣା, ଏସ୍‌ସିବିରେ ଜଣେ ଚିକିତ୍ସାଧୀନ

କଟକ, ୧୧।୬(ଶିଳ୍ପା ପ୍ରିୟଦର୍ଶିନୀ)

ପୁରୀ ବାଣ ବିସ୍ଫୋରଣ ଘଟଣାରେ ଏସ୍‌ସିବି ମେଡିକାଲରେ ଜଣେ ଆହତ ଏବେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଶରୀରର ପ୍ରାୟ ୨୫ ପ୍ରତିଶତ ପୋଡି ଯାଇଥିବାରୁ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଚିକିତ୍ସିତ ହେଉଛନ୍ତି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଶରୀରରେ ପୋଡା ଆଘାତ କମ୍ ଥିବାରୁ ତିନି ଜଣଙ୍କୁ ପୂର୍ବରୁ ଡିସ୍‌ଚାର୍ଜ କରାଯାଇଛି। ଏବେ ଜଣେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଖୁବ୍‌ଶୀଘ୍ର ତାଙ୍କୁ ଡିସ୍‌ଚାର୍ଜ କରାଯିବ। ସୂଚନାଯୋଗ୍ୟ, କିଛିଦିନ ତଳେ ପୁରୀ ନରେନ୍ଦ୍ର ପୋଖରୀରେ ମହାପ୍ରଭୁଙ୍କ ଚାପଖେଳ ସମୟରେ ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ଗୁରୁତର ହୋଇ ୮ ଜଣ ଏସ୍‌ସିବି ମେଡିକାଲକୁ ଆସିଥିଲେ।

## ଦରମା ପ୍ରଦାନ ଦାବିରେ ଆଶାକର୍ମୀଙ୍କ ଧାରଣା

ଫୁଲନଖରା,୧୧।୬(ସତ୍ୟରଞ୍ଜନ ଦାସମହାପାତ୍ର)

ବିଭିନ୍ନ ଦାବି ପୂରଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ ନମ୍ବର ୱାର୍ଡସ୍ଥିତ ବମ୍ଫକୁଦ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୩୦ ଜଣ ଆଶାକର୍ମୀ ମଙ୍ଗଳବାର ଧାରଣାରେ ବସିଥିଲେ। ଆଶାକର୍ମୀମାନେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଅଧିକାରୀ ନ ଥିବାରୁ ସେମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଡାକ୍ତର ନିଯୁକ୍ତି ସହ ବେସରକାରୀ ସଂସ୍ଥାକୁ ହଟାଯାଇ ସରକାରଙ୍କ ହାତକୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ଦିଆଯାଉ ବୋଲି ସେମାନେ

**ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଲେ କର୍ପୋରେଟର**

ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଆରତୀ ମହାନ୍ତି, ଝୁନୁଲତା ବେହେରା, ସୌଭାଗିନୀ ବରାଳ, ଉର୍ମିଳା ଦଳାଇଙ୍କ ସମେତ ଅନ୍ୟ ଆଶାକର୍ମୀ ଧାରଣାରେ ବସିଥିଲେ। ଖବରପାଇ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି ପହଞ୍ଚି ଧାରଣାରେ ବସିଥିବା ଆଶାକର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଆଶାକର୍ମୀ ଧାରଣାରୁ ଉଠିଥିଲେ।

## ଏସ୍‌ସିବିରେ ଆଟେଣ୍ଡାଣ୍ଟ କରିବେ ଇସିଜି ଆସିଷ୍ଟାନ୍ସ କାର୍ଯ୍ୟ

କଟକ,୧୧।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଏଣିକି ଇସିଜି ପାଇଁ ଆଉ ସମସ୍ୟା ହେବନାହିଁ। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଏସ୍‌ସିବିରେ ରୋଗୀଙ୍କ ଇସିଜି ପରୀକ୍ଷାରେ ସହାୟତା କରିବା ପାଇଁ ୧୪ ଜଣ ୱାର୍ଡ ଆଟେଣ୍ଡାଣ୍ଟଙ୍କୁ ଦୁଇ ଦିନିଆ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ଇସିଜି ପାଇଁ ରୋଗୀଙ୍କୁ ଜେଲି ଲଗାଇବା, ପାଦ ଓ ହାତରେ କ୍ଲିପ୍ ଲଗାଇବାକୁ ପ୍ରଶିକ୍ଷଣ ନେଇଛନ୍ତି। ନର୍ସିଂ ଅଫିସରଙ୍କ ଉପସ୍ଥିତିରେ ସେମାନେ ଏହି କାମ କରିବେ। ରୋଗୀଙ୍କ ଇସିଜି ପାଇଁ ପ୍ରତି ୱାର୍ଡରେ ଦୁଇ ଜଣ ୱାର୍ଡ ଆଟେଣ୍ଡାଣ୍ଟ ନିୟୋଜିତ ହେବେ। ସେମାନେ ଶିଫ୍ଟ ଅନୁଯାୟୀ କାମ କରିବେ। ଅପରପକ୍ଷରେ ନର୍ସିଂରେ ଇସିଜିର ଏକବର୍ଷିକିଆ ପାଠ୍ୟକ୍ରମ ରହିଛି। ହେଲେ ଦୁଇ ଦିନର ପ୍ରଶିକ୍ଷଣ ମଧ୍ୟରେ ୱାର୍ଡ ଆଟେଣ୍ଡାଣ୍ଟ କିପରି ଭାବେ ଦକ୍ଷତା ହାସଲ କରିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ୧୪ ଜଣ ଆଟେଣ୍ଡାଣ୍ଟଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ କେବଳ ନର୍ସିଂ ଅଫିସରଙ୍କୁ ଇସିଜି କାର୍ଯ୍ୟରେ ସହଯୋଗ କରିବେ। ଖୁବ୍‌ଶୀଘ୍ର ଏହି ସୁବିଧା ଏସ୍‌ସିବିରେ ଆରମ୍ଭ ହେବ ବୋଲି ରାଉତ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ଇସିଜି ସେବା ନେଇ କିଛିଦିନ ତଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଛନ୍ତି। ଆଉଟ୍‌ସୋର୍ସିଂ ଭାବେ କାର୍ଯ୍ୟକ୍ରମ କରିଥିବା ଇସିଜି ଟେକ୍ନିସିଆନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟା ଯାଇ ବିଭିନ୍ନ ୱାର୍ଡରେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ କରିବା ପାଇଁ ସୂଚାୟୀ ଦିଆଯାଇଥିଲା। ସେମାନେ ୩ଟି ଶିଫ୍ଟରେ କାର୍ଯ୍ୟ କରିବେ ବୋଲି ମେଡିକାଲ କର୍ତ୍ତୃପକ୍ଷ ଚିଠି ଜାରି କରିଥିଲେ। ଅପରପକ୍ଷରେ ଭେଷେଜ ବିଭାଗ ୱାର୍ଡ ପରିସରରୁ ଜଣେ ଟେକ୍ନିସିଆନ ଗିରଫ ହେବା ପରେ ଅସନ୍ତୋଷ ଦେଖାଦେଇଥିଲା। ଏପରି କି ଡାକ୍ତର ଓ ମେଡିକାଲ ପ୍ରଶାସନ ଭିତରେ ତିକ୍ତତା ଦେଖାଦେଇଥିଲା।

**୧୪ ଜଣ ନେଲେ ପ୍ରଶିକ୍ଷଣ**



## ସୋଫିଆଙ୍କ ଗିରଫ ଦାବିକଲା ଭାଜପା

**ଡିସିପିଙ୍କ ନିକଟରେ ଅଭିଯୋଗ**

କଟକ, ୧୧।୬(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟି-କଟକ ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଗିରଫ କରିବା ପାଇଁ ଭାଜପା କଟକ ନଗର ଜିଲା ପକ୍ଷରୁ କଟକ ଡିସିପି ପ୍ରକାଶ ଆର୍‌ଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଗତ ୬ ତାରିଖରେ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୩ ନମ୍ବର ୱାର୍ଡରେ କଂଗ୍ରେସର ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପିଲାମାନେ ପାକିସ୍ତାନ ଜିନ୍ଦାବାଦ ନାରା ଦେଇଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓକୁ ନେଇ ରବିବାର ଲାଲବାଗ ଥାନାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏତଲା ଦିଆଯାଇଥିଲା। ଏତଲା ଅନୁଯାୟୀ ତଦନ୍ତ କେତେ ଦୂର ଆଗେଇଛି ଓ ପୋଲିସ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହା ସର୍ବସମ୍ମୁଖରେ ଉପସ୍ଥାପନ କରିବାକୁ ଉଲ୍ଲେଖ କରାଯାଇଛି। ଏନେଇ ଭାଜପା କଟକ ନଗର ଜିଲା ଉପସଭାପତି ଦେବାଶିଷ ବୋଷ କହିଛନ୍ତି, ଲାଲବାଗ ଥାନାରେ ଦିଆଯାଇଥିବା ଏତଲା ଆଧାରରେ ପୋଲିସ କ'ଣ ପଦକ୍ଷେପ ନେଇଛି ତାହା ସମସ୍ତେ ଜାଣିବା ଆବଶ୍ୟକ। ଡିସିପିଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛୁ। ସୋଫିଆ ସର୍ବସମ୍ମୁଖରେ ଘଟଣା ସମ୍ପର୍କରେ କିଛି ସ୍ପଷ୍ଟ ନ କରିବା ଅତ୍ୟନ୍ତ ନିନ୍ଦନୀୟ। ଉକ୍ତ ଭିଡିଓ ଏଡିଟ୍ କରି ଭାଇରାଲ କରାଯିବା କହିବା ଲଜ୍ଜାଜନକ। ତୁରନ୍ତ ସୋଫିଆଙ୍କୁ ଗିରଫ କରାଯିବା ପାଇଁ ଦାବି କରୁଛୁ ବୋଲି ବୋଷ କହିଛନ୍ତି। ଏ ସମ୍ପର୍କରେ ଡିସିପି କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଭିଡିଓଟିକୁ ଫୋରେନ୍‌ସିକ୍ ଲାବରେଟୋରିକୁ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ତାହା ଜଣାପଡିବ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ।




ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଗିରଫ କରିବା ଦାବିରେ ଭାଜପା କଟକ ନଗର ଜିଲା ପକ୍ଷରୁ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

### ଖଳ ଲୋକଙ୍କ ଉଦ୍ଦେଶ୍ୟ ସଫଳ ହେବ ନାହିଁ

ଏହି ଭାଇରାଲ ଭିଡିଓକୁ ନେଇ ସୋଫିଆ ସ୍ପଷ୍ଟୀକରଣ ଦେଇଛନ୍ତି। ମଙ୍ଗଳବାର କଟକ ସଇଦାନୀ ବଗିଚାସ୍ଥିତ କାର୍ଯ୍ୟାଳୟରେ ଏକ ଭିଡିଓ ଜରିଆରେ ସୋଫିଆ କହିଛନ୍ତି, ୧୩ ନମ୍ବର ୱାର୍ଡବାସିନ୍ଦା କଂଗ୍ରେସର ବିଜୟ ଶୋଭାଯାତ୍ରା ଆୟୋଜନ କରିଥିଲେ। ଏଥିରେ ହାତଚିହ୍ନ, ମୋକିମ, ଓ ସୋଫିଆ ଜିନ୍ଦାବାଦ୍‌ର ନାରା ଦିଆଯାଇଥିଲା। ଯାହାକି ୱାର୍ଡବାସିନ୍ଦା ସ୍ପଷ୍ଟ କରିଛନ୍ତି। ପାକସ୍ତାନ ଜିନ୍ଦାବାଦ୍‌ର ନାରା ଦିଆଯାଇନାହିଁ। ହେଲେ ପାକିସ୍ତାନ ଜିନ୍ଦାବାଦ୍ ନାରାର ଭିଡିଓକୁ ଏଡିଟ୍ କରାଯାଇ କୁଚକ୍ରାନ୍ତ କରାଯାଇଛି। ଯାହାକୁ ନେଇ ୱାର୍ଡବାସିନ୍ଦା ଓ ଯୁବ କଂଗ୍ରେସ କର୍ମୀ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ସତ୍ୟାସତ ସାମ୍ନାକୁ ଆଣିବା ସହ ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ପ୍ରଶାସନକୁ ଅନୁରୋଧ କରୁଛି। କଟକ ଭାଇଚାରାର ସହର। ଏଭଳି କୁଚକ୍ରାନ୍ତ କରି ଭାଇଚାରା ନଷ୍ଟ କରିବାକୁ ଚେଷ୍ଟା କରାଯାଉଛି। ଖଳପ୍ରକୃତିର ଲୋକଙ୍କ ଏଭଳି ଉଦ୍ଦେଶ୍ୟ କେବେ ସଫଳ ହେବ ନାହିଁ ବୋଲି ସୋଫିଆ କହିଛନ୍ତି।

## ସଂକ୍ଷେପରେ

### ବିଧାୟିକାଙ୍କୁ ଶୁଭେଚ୍ଛା ଜଣାଇଲେ ବ୍ଲକ୍ କର୍ତ୍ତୃପକ୍ଷ

**କୃଷ୍ଣପ୍ରସାଦ,୧୧।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ):** ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟିକା ଉପାସନା ମହାପାତ୍ରଙ୍କୁ ମଙ୍ଗଳବାର ଭେଟି ଶୁଭେଚ୍ଛା ଜଣାଇଛନ୍ତି କୃଷ୍ଣପ୍ରସାଦ ବ୍ଲକ କର୍ତ୍ତୃପକ୍ଷ। ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଭୁବନେଶ୍ୱରସ୍ଥିତ ବାସଭବନରେ ବିଧାୟିକାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ସମୟରେ ବ୍ଲକ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଡିଓ ବିଧାୟିକାଙ୍କୁ ଅବଗତ କରାଇଥିଲେ। ଜନସାଧାରଣଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟ କରିବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ କୁମାର ସ୍ୱାଇଁ, ଭାଜପା ନେତା ଉତ୍ତମ କୁମାର ତରେଇ, ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳଙ୍କୁ ଭେଟିଲେ ପ୍ରଦୀପ

**ବେଗୁନିଆ,୧୧।୬(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟିଥିଲେ। ନିର୍ବାଚନମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତି ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନିକ ସ୍ତରରେ ସମାଧାନ କରିବା ପାଇଁ ଆଲୋଚନା କରିଥିଲେ।

### ୮ ବିଦ୍ୟାଳୟର ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ବାଣପୁର,୧୧।୬(ଦିଲୀପ ସ୍ୱାଇଁ):** ରଙ୍ଗନାଥ ଶୈଳବାଳା ଟ୍ରଷ୍ଟ ଆନୁକୂଲ୍ୟରେ ବାଣପୁରସ୍ଥିତ ଏକ କଲ୍ୟାଣମଣ୍ଡପଠାରେ ବାଣପୁର ଅଞ୍ଚଳର ୮ଟି ବିଦ୍ୟାଳୟର ଟପ୍ପର ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଟ୍ରଷ୍ଟ ସଭାପତି ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଶର୍ମାଙ୍କ ସଭାପତିତ୍ୱରେ ସାଧାରଣ ସଭା ହୋଇଥିଲା। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ନୀଳମଣି ଶର୍ମା ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥିଭାବେ ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ମୁଖ୍ୟ ବକ୍ତା ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ଆଇନଜୀବୀ ଶରତ ପଟ୍ଟନାୟକ, ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠାତା ଗୋଲଖ ବିହାରୀ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, ଆଇନଜୀବୀ ହିମାଳୟ ଶତପଥୀ ପ୍ରମୁଖ ଯୋଗଦେଇ ୨୦୨୪ ମସିହା ଦଶମ ଶ୍ରେଣୀରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଭଲ ମଣିଷ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ତଦନ୍ତ ଶିଥିଳ, ଆଶଙ୍କାରେ ଜମାକାରୀ

**ଜମାକାରୀଙ୍କ ୧.୫୦ କୋଟି ଟଙ୍କା ଆତ୍ମସାତ ଘଟଣା**

- ସୁପାରିସ ସତ୍ତ୍ୱେ କ୍ରାଇମବ୍ରାଞ୍ଚ ନୀରବ
- ତୁରନ୍ତ ପଦକ୍ଷେପ ନେବାକୁ ଦାବି

**ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଏବଂ ସଞ୍ଚୟ ବାବଦ ଅର୍ଥ ପ୍ରାୟ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ୨୦୨୧ ମାର୍ଚ୍ଚରେ ଏହି ଘଟଣାକୁ ପଦାକୁ ଆସିଥିଲା। ଜଣଙ୍କ ପରେ ଜଣେ ଏନେଇ ଅଭିଯୋଗ କରିଥିଲେ। ଏପରିକି ଜମାକାରୀ ଟଙ୍କା ଫେରିପାଇବା ଲାଗି କେସିସିବି କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲାପାଳ ଏବଂ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଟଙ୍କା ଫେରିପାଇବା ନେଇ ଜମାକାରୀ ଏବେ ବି ଆଶଙ୍କାରେ ରହିଛନ୍ତି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧିକ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ଏହି ଘଟଣାର ତଦନ୍ତ ଲାଗି ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୁପାରିସ କରିଥିଲେ। ବର୍ତ୍ତମାନ ସୁଦ୍ଧା କ୍ରାଇମବ୍ରାଞ୍ଚ ପକ୍ଷରୁ ଏନେଇ କୌଣସି ତଦନ୍ତ କରାଯାଇନାହିଁ। ସେପଟେ ବେଗୁନିଆ ପୋଲିସ ମାମଲା ରୁଜୁକରି ନୀରବଦ୍ରଷ୍ଟା ରହିଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନର କେହି ଅଧିକାରୀ ମୁହଁ ଖୋଲିବାକୁ ନାରାଜ। ଘଟଣାର ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ ବୋଲି ଆଲୋଚନା ହେଉଛି। ବିଭିନ୍ନ ଘଟଣାରେ କ୍ରାଇମବ୍ରାଞ୍ଚ ତୁରନ୍ତ ପଦକ୍ଷେପ ନେଉଥିବା ବେଳେ ଶତାଧିକ ଜମାକାରୀଙ୍କ ଟଙ୍କା ହରିଲୁଟ୍ ଘଟଣାରେ ତଦନ୍ତରେ କାହିଁକି ପଛଘୁଞ୍ଚା ଦେଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, ଜଣେ କର୍ମଚାରୀ ସେଠାରୁ ଅବସର ଗ୍ରହଣ କରିବା ପରେ ମଧ୍ୟ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କରେ ଜମାକାରୀଙ୍କ ସହ ଆର୍ଥିକ କାରବାର କରୁଥିଲେ। କିପରି ସମ୍ପୃକ୍ତ ଶାଖାରେ କାର୍ଯ୍ୟରତ କର୍ମଚାରୀ ଜାଣିପାରିଲେ ନାହିଁ, ନା ଜାଣିଶୁଣି ମିଳିମିଶି ଜମାକାରୀଙ୍କ ଟଙ୍କାରେ ମଉଜ କରୁଥିଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କୋଭିଡ୍ ସମୟରେ କଷ୍ଟ ଉପାର୍ଜିତ ଅର୍ଥକୁ ବ୍ୟାଙ୍କରେ ଜମାରଖି ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଥିବା ଜମକାରୀ ଏବେ ଟଙ୍କା ଫେରିପାଇବା ନେଇ ହରଡ଼ଘଣାରେ ପଡିଛନ୍ତି। ଲକ୍ଷାଧିକ ଟଙ୍କା ଆତ୍ମସାତ ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଏହାର ଖୋଳତାଡ଼ କରାଗଲେ,ସତ୍ୟତା ପଦାକୁ ଆସିବ। ତେବେ ଏଭଳି ଗୋଟିଏ ଘଟଣାରେ ନୁହଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବିରୋଧରେ ଏକାଧିକ ଘଟଣା ପଦାକୁ ଆସୁଛି। ବ୍ୟାଙ୍କ କର୍ମଚାରୀଙ୍କୁ ଗୋଟିଏ ଜାଗାରୁ ଅନ୍ୟତ୍ର ସୁବିଧା ସ୍ଥାନକୁ ପରିବର୍ତ୍ତନ ଲାଗି ଲାଞ୍ଚ କରାବାର ହେଉଥିବା ଚର୍ଚ୍ଚା ହେଉଛି। ସେହିପରି ୨୦୨୧ରେ କେସିସିବିରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା କାରବାର କରାଯାଇଛି। ଯୋଗ୍ୟତା ଭିତିରେ ଏହି ନିଯୁକ୍ତି କରାନଯାଇ ଏଥିରେ ହେରଫେର କରାଯାଇଛି। ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ୨୦୨୩ ମାର୍ଚ୍ଚ ୨୭ତାରିଖରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମିତ୍ର ଆଣିଥିବା ଅଭିଯୋଗ ଉପରେ ରାଜ୍ୟର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଲାଗି ଅନୁରୋଧ କରିଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ। ଏଥିରେ ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ଯୋର ଧରିଛି। ତଦନ୍ତରେ ଶିଥିଳତା ଯୋଗୁ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଦନ୍ତ ପ୍ରକ୍ରିୟା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# କପିଳେଶ୍ୱର ଦେବଙ୍କ ପୀଠରେ ଶିବ ବିବାହ ଉତ୍ସବ



**ନିରାକାରପୁର, ୧୧।୬ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଶୀତଳ ଷଷ୍ଠୀ ଅବସରରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡିଆ ଠାରେ ଥିବା କପିଳେଶ୍ୱର ଦେବଙ୍କ ପୀଠରେ ଶିବ ବିବାହ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରୀଜୀଉ ଓ ମାତା ପାର୍ବତୀଙ୍କୁ ଅଗୁର, ଚୁଆ, ଚନ୍ଦନ ମିଶ୍ରିତ ସୁଶୀତଳ ଜଳରେ ସ୍ନାନପରେ ନୂତନବସ୍ତ୍ର ଓ ସୁଗନ୍ଧ ପୁଷ୍ପମାଲ୍ୟରେ ଶ୍ରୀଜୀଉଙ୍କୁ ବର ଓ ମାତା ପାର୍ବତୀଙ୍କୁ କନ୍ୟା ବେଶରେ ସଜ୍ଜିତ କରାଯାଇଥିଲା। ପୂଜକଙ୍କ ଶ୍ଳୋକ ସହ ହରିବୋଲ, ହୁଳହୁଳି, ତୁରୀ ଓ ଘଣ୍ଟ ବାଦ୍ୟରେ ମନ୍ଦିର ବେଢାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିବାହ ଉତ୍ସବ ସମୟରେ ଶ୍ରୀଜୀଉମାନଙ୍କୁ ବିଭିନ୍ନ ଫଳ ଅର୍ପଣ କରାଯାଇଥିବା ବେଳେ ମାଧ୍ୟାହ୍ନ ଧୂପରେ ଖିରୀ, ଖେଚୁଡ଼ି ସମର୍ପଣ କରାଯାଇଥିଲା। ଶ୍ରୀଜୀଉଙ୍କର କଶ୍ୟପ ଗୋତ୍ର ଓ ମାତା ପାର୍ବତୀଙ୍କର କଣ୍ଡନସ୍ୟ ଗୋତ୍ରୀ ହୋଇଥିବାରୁ ନିଆରା ଢଙ୍ଗରେ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉଙ୍କ ମୁଖ୍ୟ ପୂଜକ ଧ୍ରୁବ କିଶୋର ମହାପାତ୍ର ପରିଚାଳନା କରିଥିବା ବେଳେ ପରିଚାଳନା କମିଟିର ସଭାପତି କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ମାଳି ସେବାୟତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, ବୀର ମହାପାତ୍ର, ସିତୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସପ୍ତଦିନାତ୍ମକ ଯାତ୍ରା ସାରି ପୀଠକୁ ଫେରିଲେ ମା' ଭଗବତୀ

**ଜଟଣୀ,୧୧।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀରେ ମା'ଭଗବତୀଙ୍କ ବାର୍ଷିକ ମଣ୍ଡପ ପୂଜା ତଥା ସାହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ୪ତାରିଖରେ ଲୋକକଲୋନୀସ୍ଥିତ ପୀଠରେ ପୂଜାର୍ଚ୍ଚନା ପରେ ମା'ଙ୍କୁ ୭ଦିନର ଯାତ୍ରା ପାଇଁ ଟ୍ରାଫିକ କଲୋନୀ ସ୍ଥିତ ଅସ୍ଥାୟୀ ମଣ୍ଡପକୁ ନିଆଯାଇଥିଲା। ଦୀର୍ଘ ୭ଦିନ ମା' ଅସ୍ଥାୟୀ ମଣ୍ଡପରେ ପୂଜା ପାଇବା ସହ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସପ୍ତଦିନାତ୍ମକ ଯାତ୍ରା ସମୟରେ ମା'ଙ୍କ ଘଟ ଉକ୍ତ ଅଞ୍ଚଳର ସମସ୍ତ ସାହି ଓ ବସ୍ତି ପରିକ୍ରମା କରିଥିଲା। ପ୍ରତିଦିନ ସକାଳ ଧୂପ, ଆଳତି, ମଧ୍ୟାହ୍ନ ଧୂପ ପରେ ପ୍ରସାଦ ସେବନ କରାଯାଇଥିବା ବେଳେ ସନ୍ଧ୍ୟା ଆଳତି ଓ ରାତ୍ରି ଧୂପ ପରେ ବିଶ୍ରାମ ନୀତି କରାଯାଇଥିଲା।



ମା' ଭଗବତୀ ସ୍ୱ ମନ୍ଦିରକୁ ଫେରୁଛନ୍ତି।

ମଙ୍ଗଳବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା ପରେ ମା'ଭଗବତୀ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ପୂଜା ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ମା'ଙ୍କ ଆଶୀର୍ବାଦ ନେଇଥିଲେ।

### ବାର୍ଷିକ ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୧୧।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଷଣ୍ଢପୁର ଗ୍ରାମ ସ୍ଥିତ କୁଣ୍ଡଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଚାଲିଥିବା ୨୦ତମ ବାର୍ଷିକ ମହାଯଜ୍ଞର ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳଯାତ୍ରା, ଅଧିବାସ ଓ ଅଗ୍ନିସ୍ଥାପନ, ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାମଣ୍ଡନ, ଅଭିଷେକ ଓ ଆଳତି ପ୍ରଦାନ କରାଯାଇଥିଲା। ଅନ୍ତିମ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ଶାଳାପୂଜା, ଅଭିଷେକ ଓ ପୂର୍ଣ୍ଣାହୁତି ଆଳତି ଓ ପୁଷ୍ପାଞ୍ଜଳି ସହିତ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ କୃପାଭିକ୍ଷା କରିଥିଲେ। ପ୍ରତିଦିନ ଭଜନ ଓ କୀର୍ତ୍ତନ ହୋଇଥିବା ବେଳେ ଉଦ୍‌ଯାପନୀ ରାତିରେ ରାମ ନାଟକ ପରିବେଷଣ ହୋଇଥିଲା।

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



**ବୋଲଗଡ଼,୧୧।୬(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକର ବିଭିନ୍ନ ଶୈବପୀଠରେ ମଙ୍ଗଳବାର ଦେବଦମ୍ପତିଙ୍କ ବିବାହ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦିଘିରି ଗ୍ରାମରେ ପ୍ରଭୁ ମୁକ୍ତେଶ୍ୱରଙ୍କ ବିବାହ ହୋଇଥିଲା। ବର ପିତାଭାବେ ସ୍ଥାନୀୟ ମାୟାଧର ବରାଡ଼ ଓ କନ୍ୟାପିତା ମଣ୍ଡଳସିଂ ଗ୍ରାମର ବ୍ରଜ କିଶୋର ପାତ୍ରଙ୍କ ଉପସ୍ଥିତିରେ ବିବାହ ଅନୁଷ୍ଠିତ ହୋଇଥିଲା। ପାତ୍ର କନ୍ୟାଦାନ କରିଥିବା ବେଳେ ମା'ପାର୍ବତୀଙ୍କୁ ଯାନୀ ଯୌତୁକ ଯଥାରୀତି ଅନୁଯାୟୀ ପ୍ରଦାନ କରିଛନ୍ତି। ସନ୍ଧ୍ୟାରେ ଦେବଦମ୍ପତି ବିମାନରେ ବସି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଘିରି ଓ ବୃନ୍ଦାବନପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଖଇଁରିଆର ଅମୃତେଶ୍ୱର, ବୋଲଗଡ଼ର ବାଲୁଙ୍କେଶ୍ୱର, ବାଙ୍କୋଇର ତାରେଶ୍ୱର ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଶୈବପୀଠରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି।

# ମନ ଛୁଇଁଲା ନାଟକ 'ମୋଗଲ ତାମସା'




**ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ଦ୍ୱିତୀୟ ସନ୍ଧ୍ୟା**

**ବେଗୁନିଆ,୧୧।୬(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଅନୁଷ୍ଠିତ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ'ର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କମିଟି ସଭାପତି ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବେଗୁନିଆ ନାଳନ୍ଦା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ରାଜେଶ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିଭାବେ ବଡବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ଶିକ୍ଷାବିତ୍ ଜମ୍ନେଶ୍ୱର ମଙ୍ଗରାଜ, କମିଟି ସଭ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ପାରମ୍ପରିକ ଲୋକନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସେହିପରି ମହାପ୍ରଭୁ ବିଶ୍ୱନିୟନ୍ତାଙ୍କ ବିଭିନ୍ନ ବେଶ ମଧ୍ୟରୁ ସୁନାବେଶ, ଲକ୍ଷ୍ମୀ ନୃସିଂହ ବେଶ ଏବଂ ନାଗାର୍ଜୁନ ବେଶରେ ଭୂଷିତ ପଡିଆ ପରିସରରେ ଆଧ୍ୟାତ୍ମିକତାର ପରିଚୟ ପ୍ରସ୍ଫୁଟିତ କରିଥିଲା। ଆୟୋଜକ କମିଟି ଆନୁକୂଲ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଦର୍ଶକଙ୍କ ପାଇଁ ଦ୍ୱିତୀୟ ସନ୍ଧ୍ୟାରେ ପାଇକ ଆଖଡ଼ା ପ୍ରଦର୍ଶନ, ଆଦିବାସୀ ନୃତ୍ୟ, ଢୋଲ ମହୁରୀ ନୃତ୍ୟ ସହିତ ବିଭିନ୍ନ ଲୋକ କଳା ପରିବେଷଣ ହୋଇଥିଲା। ଭଦ୍ରକ ଜିଲାର ନାଟକ 'ମୋଗଲ ତାମସା'ର ସଂଳାପ ଦର୍ଶକଙ୍କ ମନଛୁଇଁଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସୂଚନାଥାଉ କି, ପ୍ରତିବର୍ଷ ଭଳି ଚଳିତ ବର୍ଷ ଗ୍ରାମର ଆରାଧ୍ୟ ବାବା ବାଲୁଙ୍କେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଗତ ସୋମବାର ଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭ ଅଙ୍କୁରାରୋପଣ, ଶାଳା ମଣ୍ଡନ, ଗୋ ପୂଜା, ସୂର୍ଯ୍ୟ ପୂଜା ଆଦି ଯଜ୍ଞ ବିଧି ମୁତାବକ ସମ୍ପନ୍ନ ହୋଇଛି।

# କୁଶପଲା ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ

**ବେଗୁନିଆ,୧୧।୬(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଗ୍ରାମର ମା'ଜାଗେଶ୍ୱରୀ ମନ୍ଦିର ପରିସରରେ ଗ୍ରାମ୍ୟ କମିଟି ପକ୍ଷରୁ ତିନିଦିନ ଧରି ଚାଲିଥିବା ଶୀତଳଷଷ୍ଠୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ପାଦକ ଲଡୁ କିଶୋର ପଟ୍ଟନାୟକଙ୍କ ସଂଯୋଜନାରେ ନବ କିଶୋର ପାଣି ମୁଖ୍ୟ ଅତିଥି, ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ମୁଖ୍ୟ ବକ୍ତା, ସେଖ୍ ରହିମ, ନରେନ୍ଦ୍ର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସମ୍ବଲପୁରୀ, ପାଇକ ଆଖଡ଼ା ଓ ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଗ୍ରାମ୍ୟକମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ଅଧ୍ୟକ୍ଷତା ଏବଂ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ଶିକ୍ଷାବିତ୍ ସୁନୀଲ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ରମେଶ ମହାନ୍ତି ମୁଖ୍ୟ ବକ୍ତା, ସମାଜସେବୀ ଶରତ ଚନ୍ଦ୍ର ମହାପାତ୍ର ଓ ସେଖ୍ ଜବାର ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ନୂତନ ପିଢ଼ିକୁ ପ୍ରେରଣା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ କମିଟି ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଧୀରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ। ପରେ ପାଇକ ଆଖଡ଼ା, ସିଂହ ବାଜା, ମେଲୋଡି ଓ ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।




ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଯାପନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୧୪ରୁ ବରୁଣେଇ ରଜ ମହୋତ୍ସବ

**ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖୋଲିବ ଷ୍ଟଲ**

**ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବରୁଣେଇ ପୀଠରେ ଜମିବ ରଜ ମହୋତ୍ସବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନ 'ଦିଶାନ୍ତ'ର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବକୁ ଆଡ଼ମ୍ବରରେ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜ ସଂକ୍ରାନ୍ତିଠାରୁ ୩ଦିନ ବ୍ୟାପୀ ହେବାକୁ ଥିବା ଉକ୍ତ ମହୋତ୍ସବର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପିଲାଙ୍କ ମଧ୍ୟରେ ରଜଦୋଳି, ରଜପାନ ଭଙ୍ଗା, ହୁଳହୁଳି, ପୁଚି, ପାଇକ ଆଖଡ଼ା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲା ସଂସ୍କୃତି ବିଭାଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ବ୍ୟବସ୍ଥା କରିବେ। ଜନସମାଗମକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଟ୍ରାଫିକ, ଭିଡ଼ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯିବ। ଅଧିକ ସଂଖ୍ୟକ ପୋଲିସ ମୁତୟନ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ କହିଛନ୍ତି। ଜନସ୍ୱାସ୍ଥ୍ୟ ଓ ପୌରପାଳିକା ପକ୍ଷରୁ ଟ୍ୟୁବୱେଲ୍ ମରାମତି କରାଯିବା ସହ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯିବ। ପୌର ପାଳିକା ପକ୍ଷରୁ ଜାତୀୟ ରାଜପଥ ଏବଂ ଉତ୍ସବ ସ୍ଥଳରେ ଦୁଇଟି ତୋରଣ ନିର୍ମାଣ, ଆଲୋକୀକରଣ ଓ ପରିମଳ, ବରୁଣେଇ ମନ୍ଦିର ପାର୍ଶ୍ୱ ପରିଷ୍କାର, ବରୁଣେଇ ଛକରୁ ପାଦଦେଶ ପର୍ଯ୍ୟନ୍ତ ଆଲୋକୀକରଣ, ଦୋକାନ ଓ ଷ୍ଟଲଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବେ। ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ୍ ଏବଂ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ମଞ୍ଚ, ଷ୍ଟଲ ଏବଂ ଦୋକାନ ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ। ବରୁଣେଇ ପୀଠକୁ ରଙ୍ଗ ଓ ସୌନ୍ଦର୍ଯ୍ୟକରଣ ସହ ଅତିଥିଙ୍କ ପାଇଁ ବରୁଣେଇ ବଙ୍ଗଳାକୁ ସଂରକ୍ଷିତ ରଖାଯିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ମହୋତ୍ସବକୁ ଅଧିକ ଆକର୍ଷଣୀୟ ତଥା ସରକାରୀ ଯୋଜନା ଲୋକାଭିମୁଖୀ ନିମନ୍ତେ ଡିଆର୍‌ଡିଏ, ସର୍ବଶିକ୍ଷା ଅଭିଯାନ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ ବିଭାଗ, ଆତ୍ମା ଏବଂ ଓର୍‌ମାସ, ପୌରପାଳିକା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ମୃତ୍ତିକା ସଂରକ୍ଷଣ, ବନ ବିଭାଗ ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପକ୍ଷରୁ ଷ୍ଟଲ ଖୋଲାଯିବ। ଏହି ମହୋତ୍ସବକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପାଇଁ ଦାବି ହୋଇଥିଲା। ଏହି ମହୋତ୍ସବକୁ ଅଧିକ ଆକର୍ଷଣ କରିବା ଲାଗି ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ରାଜ୍ୟର ଲୋକକଳା ବ୍ୟବସ୍ଥା ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦେବା ଲାଗି ବିଭିନ୍ନ ସଦସ୍ୟ ମତବ୍ୟକ୍ତ କରିଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ରୋଭର୍ସ ଓ ସ୍କାଉଟ ଓ ଗାଇଡସ ୟୁନିଟ୍ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ନିୟୋଜିତ ହେବେ। ଓଟିଡିସି ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ ପାଇଁ ଅନୁରୋଧ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଏସ୍‌ପି ଏସ୍.ଏନ୍.ମୁର୍ମୁ, ସିଡିଏମଓ ରାଜଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ବୈଠକରେ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ଦିଶାନ୍ତର ସଦସ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ପୂର୍ବତନ ବିଧାୟକ ଏବଂ ଅନ୍ୟମାନେ।

